ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 33 | 18 - 24 August 2024 | Sambalpur | Pages- 8 | Invitation Price Rs.10

## ସମ୍ବଲପୁରରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ସମ୍ବଲପୁର: ସମ୍ବଲପୁରରେ ଜିଲ୍ଲା ସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ, ନେଲସନ ମାଣ୍ଡେଲା ସ୍ଥିତ ରାଜପଥ ଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାକୁ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରେ ପ୍ରଜ୍ଞାପନ ମେଢ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣର ଆୟୋଜନ କରଯାଇଥିଲା । ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ନାତି ବାମନ ଚରଣ ଗୁରୁ ଓ ଦୟାନନ୍ଦ ଶତପଥିଙ୍କ ନାତୁଣୀ ଗାର୍ଗି ଶତପଥିଙ୍କୁ ସମ୍ମାନିତ କରା ଯାଇଥିଲା । ଏହାଛଡ଼ା ଏହି ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏବଂ ପ୍ରଜ୍ଞାପନ ମେଢ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଦଳ ଗୁଡିକୁ ମଧ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ସ୍ୱାଧୀନତା ଦିବସରେ ସମୁଦାୟ ୪୦ ଟି ପାରେଡ ଟ୍ରୁପ ଅଂଶ ଗ୍ରହଣ କରିଥିଲେ । ୨୦୨୪ ମସିହାରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ଅଦୃଶ୍ୟ ନାଟ୍ୟଶ୍ରମ ଦଳ ନୁକଡ ନାଟକ ମାଧମରେ ଏସଭିଇଇପି କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିବାରୁ ସେମାନଙ୍କୁ ସମ୍ମାନିତ କରଯାଇଥିଲା । ଚଳିତ ବର୍ଷ ଏଚ.ଏସ.ସି ପରୀକ୍ଷାରେ ସମ୍ବଲପୁର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁମା ଖାତୁନ-୫୫୬ ନମ୍ବର (ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାଲିବନ୍ଧା) ଏବଂ ଆୟୁଶ ପଟନାୟକ-୫୪୧ ନମ୍ବର (ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସିଦ୍ଧେଶ୍ୱର



ବେର୍ନା) ଙ୍କୁ ରେଡ଼ କ୍ରସ ବିଭାଗ ତରଫରୁ ପୁରସ୍କୃତ କରାଯାଇଥିଲା । ଶେଷରେ ମୁଖ୍ୟ ଅତିଥି ସମ୍ବଲପୁର ମଣ୍ଡଳ କାରାଗାର, ଜିଲ୍ଲା ମୁଖ୍ୟ ଚିକିସ୍ଛାଳୟ, ଦୁର୍ଗାପାଲି ସ୍ଥିତ ଦୟାମଣି ଜରା ନିବାସର ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିବା ସହିତ ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ଉତ୍ସର୍ଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଶେଷରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟ କ୍ରମ ପ୍ରତିପେକ୍ଷୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ଏସଏଚଜି ଷ୍ଟଲ ମଧ ଲଗା ହୋଇଥିଲା ।





ଏ ସଂଖ୍ୟାରେ..

## ୱାଇ.ବି ଖୁରାନିଆ ହେଲେ ନୂଆ ଡି.ଜି

କଟକ : ଓଡ଼ିଶାର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇଛନ୍ତି । ଶ୍ରୀ ଖୁରାନିଆ ଭାରପ୍ରାପ୍ତ ଡି.ଜି. ଡକ୍ଟର ଅରୁଣ ଷଡ଼ଙ୍ଗୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ହରିୟାଣା ରାଜ୍ୟର ମୂଳ ବାସିନ୍ଦା ୧୯୯୦ ବ୍ୟାଚର ଆଇ.ପି.ଏସ୍. ଶ୍ରୀ ଖୁରାନିଆ ପୂର୍ବରୁ ନୂଆଦିଲ୍ଲୀର ବିଏସ୍ଏଫ୍ ମୁଖ୍ୟାଳୟରେ ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ଚାକିରୀ କାଳ ମଧରେ ସୋନପୁର, ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୁରଭଞ୍ଜ ଓ ରାଉରକେଲାର ଏସ୍.ପି ଭାବେ କାର୍ଯ୍ୟ କରିଛନ୍ତି । ପରେ ସେ ବ୍ରହ୍ମପୁର ଓ ସମ୍ବଲପୁରରେ ମଧ ଡି.ଆଇ.ଜି ଭାବରେ କାର୍ଯ୍ୟ କରିଛନ୍ତି । ସେହିପରି ସେ ଆଇ.ଜି.ପି (ଏସ୍.ଏ.ପି), ଆଇ.ଜି.ପି (ଅପରେସନ), ବିପିଏସ୍‌ପିଏରେ ଆଇ.ଜି.ପି (ଟ୍ରେନିଂ), ଆଇଜିପି ଭିଜିଲାନ୍ସ ଭାବେ କାର୍ଯ୍ୟ କରିଥିଲେ । ସେ ମଧ ଭୁବନେଶ୍ୱର କଟକର ପୋଲିସ କମିଶନର ଭାବେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି ।







ପୋଷଣରେ ଭରପୂର ମିଲେଟସ୍


ସୁସ୍ଥ ରଖେ ଦେଶୀ ଆଳୁ


ଗୁଳୁଚିର ଲାଭ


ଦେହକୁ ହିତ ପାଳଙ୍ଗ


ଔଷଧୀୟ ପଣସ


ମୂଳାର ଉପକାରିତା

## ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଭେଟିଲେ ବୈଦିକ ବିଦ୍ୟାର୍ଥୀ



ସମ୍ବଲପୁର : ବୈଦିକ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ଦୁର୍ଗାପାଲିସ୍ଥିତ ଦୟାମଣି ବୃଦ୍ଧାଶ୍ରମକୁ ଯାଇ ସେଠାରେ ଥିବା ପ୍ରାୟ ୨୦ଜଣ ବୃଦ୍ଧବୃଦ୍ଧାଙ୍କ ସହିତ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସେମାନଙ୍କୁ ଫୁଲ, ହାତ ତିଆରି କାର୍ଡ ଓ କିଛି ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେମାନେ ବୟସ୍କଙ୍କର କଥା ଶୁଣି ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ପଡ଼ିଥିଲେ । ଛାତ୍ରଛାତ୍ରୀ ଅନ୍ତେବାସୀଙ୍କ ସହ ଗୀତ, ଭଜନ, ଜଣାଣ ଗାନ କରିଥିଲେ । ସେମାନେ ମଧ ଜୀବନର ଅନେକ ଅନୁଭୂତି ଛାତ୍ରଛାତ୍ରୀଙ୍କୁ କହିଥିଲେ । ଏହି ଅବସରରେ ବୃଦ୍ଧାଶ୍ରମର ଅଧକ୍ଷା ପୂର୍ବତନ ରାଜ୍ୟସଭା ସାଂସଦ ପ୍ରମିଳା ବହିଦାର ବୃଦ୍ଧାଶ୍ରମ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇ ଛାତ୍ରଛାତ୍ରୀମାନେ ତାଙ୍କ ଦ୍ୱାରା ଯେତିକି ସମ୍ଭବ ସମାଜ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ । ଉପସଭାପତି ହେମନ୍ତ କୁମାର ମହାପାତ୍ର ବୃଦ୍ଧାଶ୍ରମ ବାବଦରେ ସୂଚନା ଦେଇଥିଲେ । ବୈଦିକ ସ୍କୁଲର ଶିକ୍ଷୟିତ୍ରୀ ଶ୍ରୀମତୀ ରିଚା ବିଶ୍ୱକର୍ମାଙ୍କ ନେତୃତ୍ୱରେ ଶିକ୍ଷକ ସୁବୋଧ କୁମାର ନାୟକ, କିଶୋର ଚନ୍ଦ୍ର ନାୟକ ଏବଂ ଶିକ୍ଷୟିତ୍ରୀ ଦିପାଞ୍ଜଳୀ ତ୍ରିପାଠୀ ଛାତ୍ରଛାତ୍ରୀମାନଙ୍କ ସହ ବୃଦ୍ଧାଶ୍ରମକୁ ଆସିଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ବୃଦ୍ଧାଶ୍ରମର ସମ୍ପାଦକ ଇଞ୍ଜିନିୟର ଶ୍ରୀକାନ୍ତ ପାଣିଗ୍ରାହୀ, ଆଡ଼ଭୋକେଟ୍ ଅଶୋକ କୁମାର ସେନାପତି, ବାବାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## କଲମ ପରିବାର ପକ୍ଷରୁ କବିତା ଆସର

ସମ୍ବଲପୁର: କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଦେଶାତ୍ମବୋଧକ କବିତା ଆସର 'ଜୟ ହେ' ଜିଲ୍ଲା ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ହୋଇଯାଇଅଛି । ଟ୍ରଷ୍ଟର ଉପ ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧକ୍ଷତାରେ ହୋଇଥିବା କବିତା ଆସରରେ ତଫଜୁଲ ହୋସେନ ସ୍ୱାଗତ ଭାଷଣ ଦେଇଥିବା ବେଳେ କବିତା ଆସରକୁ ସମ୍ପାଦକ କ୍ଷେତ୍ରମଣି ବିଭାର ସଂଯୋଜନା କରିଥିଲେ । ଏଥିରେ ୨୫ଜଣ କବି ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ । ଶେଷରେ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁରେଶ୍ୱରୀ ମାଝୀଙ୍କ ପରଲୋକ

ସମ୍ବଲପୁର : ଯୋଗାଣ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଧନୁପାଲି ନିବାସୀ ଉପେନ୍ଦ୍ର ମାଝୀଙ୍କ ପତ୍ନୀ ସୁରେଶ୍ୱରୀ ମାଝୀ (୮୩ )ଙ୍କ ପରଲୋକ ଘଟିଛି । ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ । ରାଜଘାଟରେ ତାଙ୍କ ଶେଷକୃତ୍ୟ ହୋଇଥିଲା । ତାଙ୍କ ଜ୍ୟେଷ୍ଠପୁତ୍ର ଅଲ୍ ଇଣ୍ଡିଆ ରେଡିଓର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ ମାଝୀ ମୁଖାଗ୍ନି ଦେଇଥିଲେ । ଅନ୍ତିମ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ପ୍ରଫୁଲ୍ଲଙ୍କ ସହିତ ଅନ୍ୟ ଦୁଇପୁତ୍ର ପ୍ରଶାନ୍ତ ମାଝୀ ଓ ସୁଶାନ୍ତ ମାଝୀଙ୍କ ସହିତ ଅନ୍ୟ ପରିବାରବର୍ଗ ମଧ ଉପସ୍ଥିତ ଥିଲେ । ସହରର ବହୁ ଜଣାଶୁଣା ବ୍ୟକ୍ତି ଶବାଧାରରେ ସାମିଲ ଥିଲେ । ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଜେସିଆଇ ଝାରସୁଗୁଡ଼ା ସିଟିର ସ୍ୱାଧୀନତା ଦିବସ

ଝାରସୁଗୁଡ଼ା: ସ୍ଥାନୀୟ ଧର୍ମଶାଳା ଛକ୍ ଠାରେ ଜେସିଆଇ ଝାରସୁଗୁଡା ସିଟି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏଥିରେ ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଶ୍ରୀ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରି ସମାବେଶକୁ ସମ୍ବୋଧିତ କରି ଜନସାଧାରଣଙ୍କୁ ନିର୍ଭରଶୀଳତାର ମାନସିକତାଠାରୁ ଆଗକୁ ଏବଂ ବିକାଶ ପ୍ରତି ସକ୍ରିୟ ମନୋଭାବ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ସେ ଝାରସୁଗୁଡ଼ାର ଲୋକଙ୍କ ଅଗ୍ରଗତି ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି ।

ଜେସିଆଇ ଝାରସୁଗୁଡ଼ା ସିଟି ସଭାପତି ଗୋବିନ୍ଦ ସାକୁନିଆ ଏଥିରେ ଅଧକ୍ଷତା କରିଥିବା ବେଳେ ସଚିବ ସନ୍ଦୀପ କେଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ବିକାଶ ସୁଲତାନିଆ, ଅମିତ ଭୁଓ୍ୱାନିଆ, ଶୁଭମ ତୀବ୍ରିଓ୍ୱାଲ, ନିତିନ ଅଗ୍ରଓ୍ୱାଲ, ଚନ୍ଦନ ବାଲୋଡିଆ, ଅରୁଣ ବାଙ୍ଗର, ଅଭିଷେକ ଶର୍ମା, ଅଭିଷେକ ଅଗ୍ରଓ୍ୱାଲ, ବିକାଶ ଗୋଇଲ, ବିଶ୍ୱଜିତ ହୋତା, ରଜତ ସାକୁନିଆ, ଦୀପକ ଆରୋରା, ଡବ୍ଲୁ ବାଧାନ, ବିଜୟ ପାରେକ, ମୋହିତ କେଡ଼ିଆ, ମନୀସ ଜୈନ ଏବଂ ତାଙ୍କ ସହିତ ଅନ୍ୟ ମେମ୍ବର ଯୋଗ ଦେଇଥିଲେ ।

## ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର: ସିଦ୍ଧେଶ୍ୱରୀ ଧର୍ମସଂସଦ ଓ ଦିବ୍ୟ ଦର୍ଶନ ସଂଘ ସଂବଲପୁର ଶାଖା ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଭକ୍ତପ୍ରସାଦ ନନ୍ଦ, ଡକ୍ଟର ସପନ ମିଶ୍ର, ବୀରେନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ପଟ୍ଟନାୟକ, ଜନ୍ମେଜୟ ବାବୁ, କୃଷ୍ଣ କେଶବ ବହିଦାର, ସଂସଦ ସଭାପତି ଗୋପୀନାଥ ଷଡ଼ଙ୍ଗୀ, ସମ୍ପାଦକ ସୁଶାନ୍ତ ପଣ୍ଡା, ସୁବର୍ଣ୍ଣ ମେହେର, ଅମିୟ ପାଣି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସତ୍ୟନାରାୟଣ ବହିଦାରଙ୍କ ସାହିତ୍ୟ ଉପରେ ଆଲୋଚନାଚକ୍ର

ସୁନ୍ଦରଗଡ଼: ସିଦ୍ଧେଶ୍ୱରୀ ଧର୍ମ ସଂସଦ ସୁନ୍ଦରଗଡ ଶାଖା ପକ୍ଷରୁ କବି ସତ୍ୟନାରାୟଣ ବହିଦାରଙ୍କ ସାହିତ୍ୟରେ ଆଧାତ୍ମିକ ଚିନ୍ତନ ଉପରେ ଏକ ସଭା କବି ଦୁର୍ଗାମାଧବ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଇ ସଭାରେ ସଂସଦର ସଭାପତି ଆଡ଼ଭୋକେଟ ପ୍ରତିମା ମିଶ୍ର, ସମ୍ପାଦିକା ଜ୍ୟୋତ୍ସ୍ନା ଦାଶ, ପଞ୍ଚାନନ ମିଶ୍ର ତଥା ସଂସଦର ସମ୍ବଲପୁର ଶାଖା ସଭାପତି ଗୋପୀନାଥ ଷଡ଼ଙ୍ଗୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପରେପରେ ସଂସଦର ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ବିୟୋଗରେ ଏକମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ପୁରଣ କରାଯାଉ

ସମ୍ବଲପୁର : ଗତ ସାଧାରଣ ନିର୍ବାଚନରେ ଓଡ଼ିଶାର ଲୋକମାନଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ବିଜେପି ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ । ବର୍ତ୍ତମାନ ସମସ୍ତ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଦର ବୃଦ୍ଧି ହୋଇଥିବାରୁ ଜନସାଧାରଣ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ତେଣୁ ବିଜେପି ପକ୍ଷରୁ ମାଗଣା ବିଜୁଳି ଯୋଗାଣ ପାଇଁ ଦିଆଯାଇଥିବା ନିର୍ବାଚନ ପ୍ରତିଶ୍ରୁତି ଶୀଘ୍ର କାର୍ଯ୍ୟକାରୀ କରିବାକୁ ଶ୍ରମିକ ନେତା ରତିକାନ୍ତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଦାବି କରିଛନ୍ତି ।

## ଜି.ଆର୍ ଦୁବେଙ୍କ ପୁତ୍ର ବିୟୋଗ



ସମ୍ବଲପୁର : ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଗୋପରଞ୍ଜନ ଦୁବେଙ୍କ ପୁତ୍ର ସୁଧିର କୁମାର ଦୁବେଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୬୪ ବର୍ଷ ହେଉଥିଲା । ଗତ କିଛିଦିନ ହେବ ସେ ଗୁରୁତର ଭାବେ ଅସୁସ୍ଥ ଥିଲେ ।

## ସମ୍ବଲପୁରରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ

ସମ୍ବଲପୁର : ୧୯୪୭ ଅଗଷ୍ଟ ୧୪ ତାରିଖ ଦିନ ଅଖଣ୍ଡ ଭାରତ ଖଣ୍ଡବିଖଣ୍ଡିତ ହେବା, ଧର୍ମ ଆଧାରରେ ପାକିସ୍ଥାନ ଦେଶ ଗଠନ ହେବା ଏବଂ ବିଭାଜନ ବିଭୀଷିକାରେ ଦଶ ଲକ୍ଷ ସନାତନୀ ହିନ୍ଦୁ ଆବାଳ ବୃଦ୍ଧ ବନିତା ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ପ୍ରାୟ ଦୁଇକୋଟି ସନାତନୀ ହିନ୍ଦୁ ନିର୍ଯ୍ୟାତିତ ହୋଇ ସର୍ବହରା ଓ ବାସଚ୍ୟୁତ ହେବା ଏବଂ ନିଜ ଦେଶରେ ନିଜେ ଶରଣାର୍ଥୀ ହେବା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟ ବିଦାରକ ବୋଲି ବୁଦ୍ଧିଜୀବି ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଛି । ଭାରତବର୍ଷରେ ପୁନର୍ବାର ଆଉ ଯେପରି ବିଭାଜନ ବିଭୀଷିକା ସଙ୍ଘଟିତ ନ ହେବ, ସେ ଦିଗରେ ଦେଶବାସୀ ଜାଗୃତ ଓ ସତର୍କ ହେବା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ବକ୍ତାମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ।

ରାଷ୍ଟ୍ରୀୟ ବୁଦ୍ଧିଜୀବି ପରିଷଦ ପକ୍ଷରୁ ଗତ ଅଗଷ୍ଟ ମାସ ୧୪ ତାରିଖ ( ବୁଧବାର ) ଅପରାହ୍ନରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ଠାରେ ଆୟୋଜିତ ଏହି ବୁଦ୍ଧିଜୀବି ସମ୍ମିଳନୀରେ ପରିଷଦର ଅଧକ୍ଷ କାର୍ତ୍ତିକ ପ୍ରସାଦ ବହିଦାର ଅଧକ୍ଷତା କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟବକ୍ତା ଭାବରେ ଏବଂ ଉମ୍ବରୁଧର ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଏହି ସମ୍ମିଳନୀରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧକ୍ଷ ସୀମାଞ୍ଚଳ ଖଟେଇ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ବଲପୁର ପୌର ପରିଷଦର ପୂର୍ବତନ ଅଧକ୍ଷ ଗିରୀଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ କାହ୍ନୁ କେଶବ ବହିଦାର ଦେଶାତ୍ମବୋଧକ ଗୀତ ପରିବେଷଣ କରିଥିଲେ । ଅଶ୍ୱିନୀ କୁମାର ମାଝୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ।

## ବୁର୍ଲା ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବ ପ୍ରସ୍ତୁତି

ସମ୍ବଲପୁର: ବୁର୍ଲା ସରକାରୀ ହାଇସ୍କୁଲର ପ୍ଲାଟିନମ ଜୁବୁଲି ପାଇଁ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ରସଂସଦ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତା ତଥା ସମ୍ପାଦକ ଦେବାଶିଷ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ପ୍ଲାଟିନମ ଜୁବୁଲି କମିଟିର ଅଧକ୍ଷ ରାଜକିଶୋର ଯାଜୋଡିଆ, ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସହସମ୍ପାଦକ ରଶ୍ମିରଞ୍ଜନ ଶତପଥୀ, କୋଷାଧକ୍ଷ ନୟନ ନାୟକ, ଅଫିସ ବିଅରର ଅନୁପ ପଣ୍ଡା, ଉପଦେଷ୍ଟା ସୁରେନ୍ଦ୍ର ସିଂ କାବଲି, ବିଭୂତି ଭୂଷଣ ପଣ୍ଡା, ପ୍ରଭଞ୍ଜନ ବେହେରା, ହରୀଶ ଚନ୍ଦ୍ର ବାଲିଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ପୂର୍ବ ବୈଠକର ନିଷ୍ପତ୍ତି ଅନୁସାରେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

କମିଟି ପାଇଁ ପ୍ରଦୀପ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଗିରିଜା ନାୟକ, ସୁବ୍ରତ ପଟ୍ଟନାୟକ, ହରି ପଣ୍ଡା, ଯଦୁନନ୍ଦନ ବଡ଼ପଣ୍ଡା, କାଲୁଚରଣ ସ୍ୱାଇଁ, ଆର.ଏ ଶିବକୁମାର, ସୁଶାନ୍ତ ଜେନା, ପ୍ରସନ୍ନ ସାମନ୍ତରାୟ, ଗୋପାଳ ଲାଲ, ଦୀପ୍ତିକାନ୍ତ ଠାକୁର, ସନ୍ତୋଷ କାନୁନଗୋ, ପ୍ରେମ ରାଉତ, ରମେଶ ଆଚାର୍ଯ୍ୟ ଓ ଦେବେନ୍ଦ୍ର ମହାଲିକ ମନୋନୀତ ହୋଇଛନ୍ତି । ଉତ୍ସବକୁ ଅଧିକ ମନୋରମ ଓ ସ୍ମରଣୀୟ କରିବା ପାଇଁ ବିଭିନ୍ନ ଉପ କମିଟି ମଧ ଗଠନ କରି ଦାୟିତ୍ୱ ଅର୍ପଣ କରାଯାଇଛି । ଜୁବୁଲିର ସ୍ମରଣିକା ପ୍ରକାଶ କରିବା ପାଇଁ ଅକ୍ଟୋବର ମାସ ଶେଷ ସୁଦ୍ଧା ଲେଖା ଆହ୍ୱାନ କରାଯାଇଛି । କାର୍ଯ୍ୟକ୍ରମ ଶେଷରେ ଦେବାଶିଷ ନନ୍ଦ ଧନ୍ୟବାଦ ଦେଇଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱାଧୀନତା ଦିବସ

ସମ୍ବଲପୁର : ବଡ଼ବଜାର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଠାରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଶିକ୍ଷାକେନ୍ଦ୍ରର ଅଧକ୍ଷା ଶ୍ରୀମତୀ ବବିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ସମାରୋହରେ ବିଶିଷ୍ଟ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

ଏହି ପବିତ୍ର ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି କାର୍ତ୍ତିକ ପ୍ରସାଦ ବହିଦାର ଉଦ୍‌ଘାଟନ କରିଥିଲେ । ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ସୁଶ୍ରୀ ତୃପ୍ତି ମାଝୀ ଓ ସୁଶ୍ରୀ ସୁଜ୍ଞାନୀ ମାହାଣା ଙ୍କ ପରିଚାଳନାରେ ଦେଶାତ୍ମବୋଧକ ସଂଗୀତରେ ଛାତ୍ରଛାତ୍ରୀ ମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କେତେକ ଛାତ୍ରଛାତ୍ରୀ ଭାରତୀୟ ସୈନିକ ବେଶରେ, ଭାରତମାତା ବେଶରେ ଏବଂ ବୀରବେଶରେ ସୁସଜ୍ଜିତ ହୋଇ ଅଂଶଗ୍ରହଣ କରିଥିଲେ । ଶେଷରେ ଶ୍ରୀମତୀ ସନ୍ତୋଷିନୀ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋବିନ୍ଦ ହେଲେ ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳର ଉପସଭାପତି

ସମ୍ବଲପୁର : ବିଜେପି ନେତା ଗୋବିନ୍ଦ ଅଗ୍ରଓ୍ୱାଲ ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳର କେନ୍ଦ୍ରୀୟ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦିଲ୍ଲୀର ଆକାଶବାଣୀ ପ୍ରେକ୍ଷାଳୟ ରଙ୍ଗଭବନ ଠାରେ ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳର ଦୁଇଦିନିଆ ଅଧିବେଶନରେ ସେ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଜେପି ନେତା ଉଦ୍ୟୋଗ ବ୍ୟାପାର ମଣ୍ଡଳ ଉଦ୍ୟୋଗ ଜଗତରେ ହେଉଥିବା ବିଭିନ୍ନ ସମସ୍ୟାର ବିସ୍ତୃତ ଆଲୋଚନା ସହିତ ଏହାର ନିରାକରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର ହୋଇଥିଲା । ଏହି ଅନୁଷ୍ଠାନର ଶାଖାଗୁଡ଼ିକ ଦେଶର ପ୍ରତ୍ୟେକ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ନିଷ୍ପତ୍ତି ହୋଇଥିଲା । ଅଧିବେଶନରେ ପ୍ରହଲ୍ଲାଦ ଖଣ୍ଡେଓ୍ୱାଲ, ଭଗବାନ ଗୁପ୍ତା, ପ୍ରିୟ ଦାସ, ଚିତନ ଅଗ୍ରଓ୍ୱାଲ, ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ କର୍ମକର୍ତ୍ତା ମଂଚାସୀନ ଥିଲେ ।

# କର୍ମଫଳ ବଡ଼ ନିଷ୍ଠୁର

କିଏ ଜଣେ ବିଦ୍ୱାନ ଏକଦା କହିଥିଲେ- 'ଜନ୍ମ' ମଣିଷର ଅସଲ ପରିଚୟ ନୁହେଁ, ମଣିଷର ଅସଲ ପରିଚୟ ହେଉଛି ତା'ର କର୍ମ । ସେଇଥିପାଇଁ ମହାଭାରତରେ ମହାରଥୀ କର୍ଣ୍ଣ କହିଥିଲେ- 'ଉଚ୍ଚକୁଳରେ ଜାତ ହେବା ଦୈବର ଅଧୀନ ହୋଇପାରେ, ମାତ୍ର ପୁରୁଷକାର ମୋର ଅଧୀନ ଅଟେ ।' ଗୀତାରେ ଭଗବାନ ଶ୍ରୀକୃଷ୍ଣ ବି କହିଛନ୍ତି- 'ମୁଁ କାହାର ଭାଗ୍ୟ ତିଆରି କରେନାହିଁ, ମଣିଷ ନିଜେ ନିଜର ଭାଗ୍ୟ ତିଆରି କରେ ।

ତୁମେ ଆଜି ଯାହା କରୁଛ, ତା'ର ଫଳ କାଲି ପାଇବ । ତୁମେ ଆଜି ଯାହା ପାଇଛ, ତାହା ତୁମର ଗତକାଲି କରିଥିବା କର୍ମର ଫଳ ।' କିଏ କହିଲା ମଣିଷ ଖାଲି ହାତରେ ଆସେ ଏବଂ ଖାଲି ହାତରେ ଏ ସଂସାରରୁ ଫେରିଯାଏ ? ଏହା ସତ୍ୟ ନୁହେଁ, ସତ୍ୟ ହେଉଛି ଏହା ଯେ, ମଣିଷ ତା'ର ଭାଗ୍ୟ ନେଇ ଆସିଥାଏ ଏବଂ କର୍ମଫଳ ନେଇ ଫେରିଯାଏ । ପ୍ରତ୍ୟେକ ମଣିଷ ତା'ର କର୍ମର ଫଳ ଅବଶ୍ୟ ପାଇବ, କିଏ ଏବେ ତ ଆଉ କିଏ କିଛି କାଳ ପରେ । ଏକଦା ଉଇଲିୟମ ସେକ୍ସପିଅର କହିଥିଲେ- 'ମଣିଷର ଭାଗ୍ୟ କୋଉ ରାଶି କି ନକ୍ଷତ୍ରରେ ନଥାଏ, ସେ ନିଜେ ହିଁ ନିଜ ଭାଗ୍ୟର ନିର୍ମାତା । ଏଣୁ ରାଶିଫଳ ଉପରେ ବିଶ୍ୱାସ ନ କରି ନିଜ କର୍ମ ଉପରେ ବିଶ୍ୱାସ ରଖନ୍ତୁ, କାହିଁକି ନା ରାଶି ତ ରାମ ଓ ରାବଣ ଉଭୟଙ୍କର ଗୋଟିଏ ଥିଲା, କିନ୍ତୁ ନିୟତି ସେମାନଙ୍କର କର୍ମ ଅନୁସାରେ ଫଳ ପ୍ରଦାନ କରିଥିଲା । କେହି ଆମର ଅନିଷ୍ଟ କରିବ, ସେଇଟା ତା'ର କର୍ମ ଅଟେ । ମୁଁ କାହାରି ଅନିଷ୍ଟ କରିବି ନାହିଁ, ତାହା ମୋର ଧର୍ମ ଅଟେ । ତୁମେ ଆଜି ଯାହା ଅନ୍ୟକୁ ଦେଉଛ, ତାହା ତୁମକୁ କେବେ ନା କେବେ ନିଶ୍ଚିତ ମିଳିବ । ସେ ତାଳି ହେଉକି ଗାଳି । ଗୋଟିଏ କଥା ମନେରଖିଥିବେ- ଅନ୍ୟର ଆଖିର ଲୁହରେ ତିଆରି ସୁଖ ବେଶିଦିନ ତିଷ୍ଠି ରହେନା । ଏ ସଂସାରର ସବୁଠାରୁ ମୂଲ୍ୟବାନ ତରଳ ପଦାର୍ଥ ହେଉଛି ଲୁହ । ଲୁହରେ ଏକଭାଗ ଜଳ, ବାକି ଅନେଶତ ଭାଗ ଭାବାବେଗ ଥାଏ । ତେଣୁ କାହା ଆଖିରେ ଲୁହ ଦେବା ପୂର୍ବରୁ ଶହେଥର ଭାବନ୍ତୁ । କାରଣ କର୍ମଫଳ ବଡ଼ ନିଷ୍ଠୁର, ସେ କାହାକୁ ବି କ୍ଷମା ଦିଏନା । ସୁଧମୂଳ ସମସ୍ତଙ୍କୁ ଫେରେଇଦିଏ ।

ଆଲେକ୍‌ଜାଣ୍ଡର ପୋପ୍ ଏକଦା କହିଥିଲେ- 'ଭୁଲ କରିବା ହେଉଛି ମଣିଷର ପ୍ରକୃତି ।' କିନ୍ତୁ ଭୁଲ୍‌କୁ ମାନିନେବା ହେଉଛି ମଣିଷର ସଂସ୍କୃତି ଏବଂ ଭୁଲ୍‌କୁ ସଂଶୋଧନ କରିନେବା ହେଉଛି ମଣିଷର ପ୍ରଗତି । ସରଳ ମଣିଷଙ୍କ ସହ ଛଳ କପଟ କରି ଖୁସି ହେଉଥିବା ବ୍ୟକ୍ତି ନିଜକୁ କେତେ ବି ଚାଲାଖ ଭାବନ୍ତୁ ନା କାହିଁକି, ଅଜାଣତରେ ସେ ନିଜ ବରବାଦିର ସମସ୍ତ ଦ୍ୱାର ଖୋଲି ଦେଇଥା'ନ୍ତି । ଯେଉଁ କର୍ମର ବିଚାର ଅଦାଲତ କରିପାରେ ନାହିଁ, ତା'ର ବିଚାର ସମୟ ହିଁ କରିଦିଏ । ଆଉ ସମୟ ଯେତେବେଳେ ବିଚାର କରେ, ସେତେବେଳେ ସାକ୍ଷୀ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ । କର୍ମ ପାଖରେ ନା ଅଛି କାଗଜ, ନା କଲମ; କିନ୍ତୁ ଅନବରତ ସେ ମଣିଷର ଭାଗ୍ୟ ଲେଖିଚାଲିଛି । ମନେରଖନ୍ତୁ ଯେଉଁ ବ୍ୟକ୍ତି ଏବେ ଦୁଃଖ, କଷ୍ଟ ଓ ଅପମାନ ସହୁଛି, ତା'ର ପୂର୍ବ ଜନ୍ମର ପାପଲାଘବ ହେଉଛି । ଯିଏ ଏବେ ଅନ୍ୟକୁ ଦୁଃଖକଷ୍ଟ ଦେଉଛି, ତା'ର ଆଗାମୀ ଜନ୍ମ ପାଇଁ ପାପ ସଞ୍ଚିତ ହୋଇରହୁଛି । ଏଣୁ ଯଦି 'କଲମ' ହୋଇ କାହାର ସୁଖ ଲେଖିପାରୁନାହାନ୍ତି, ତା'ହେଲେ ରବର ହୋଇ କାହାର ଦୁଃଖ ଲିଭେଇବା ପାଇଁ ଚେଷ୍ଟା କରନ୍ତୁ । ବିଶ୍ୱାସ କରନ୍ତୁ ବା ନକରନ୍ତୁ ଜୀବନରେ ? ଯେଉଁ ମଣିଷ ଯାହା କର୍ମ କରେ ସେ ତା'ର ପରିଣାମ ଭୋଗିବାକୁ ବାଧ । ପିତାମହ ଭୀଷ୍ମଙ୍କ ଜୀବନର କେବଳ ଗୋଟିଏ ମାତ୍ର ପାପ ଥିଲା ଯେ, ସେ ଭରା କୁରୁରାଜସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ କ୍ରୋଧ ପ୍ରଦର୍ଶନ କରିନଥିଲେ ଏବଂ ପକ୍ଷୀରାଜ ଜଟାୟୁଙ୍କ ଜୀବନର ଏକମାତ୍ର ପୁଣ୍ୟ ଥିଲା ଯେ, ସେ ସୀତାହରଣ ସମୟରେ କ୍ରୋଧ ପ୍ରଦର୍ଶନକରି ରାବଣ ସହ ଲଢ଼ିଥିଲେ । ପରିଣାମରେ ଜଣକୁ ଦୁର୍ବିସହ ଶରଶଯ୍ୟା ମିଳିଲା ତ ଅନ୍ୟଜଣକୁ ମିଳିଲା ପ୍ରଭୁ ଶ୍ରୀରାମଙ୍କର ଅଭୟ କୋଳ । ଏଣୁ ଆପଣ ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି କର୍ମଫଳ ଭୋଗକରିବାକୁ ପ୍ରସ୍ତୁତ ରୁହନ୍ତୁ । ଏ ପରିପ୍ରେକ୍ଷୀରେ ପୁରାଣରୁ ପ୍ରସଙ୍ଗଟିଏ ସ୍ମରଣକୁ ଆସୁଛି ।

କଂସ ନିଧନ ପରେ ଯେତେବେଳେ ଶ୍ରୀକୃଷ୍ଣ ମଥୁରାନଗରୀର ବନ୍ଦୀଶାଳାକୁ ଯାଇ ପିତା ବସୁଦେବ ଓ ମାତା ଦେବକୀଙ୍କୁ ବନ୍ଧନମୁକ୍ତ କଲେ । ସେତେବେଳେ ମା' ଦେବକୀ ଛାତିରେ ଛାତିଏ କୋହ ଓ ଆଖିରେ ଆଖିଏ ଲୁହ ନେଇ ଶ୍ରୀକୃଷ୍ଣଙ୍କୁ ପଚାରିଲେ- 'ଧନରେ ! ତୁ ହେଉଛୁ ସ୍ୱୟଂ ଭଗବାନ ! ଆମେ ଦୁହେଁ ତୋର ପିତାମାତା । ଆମେ ଏମିତି କି ପାପ କରିଥିଲୁ ଯେ ଆମକୁ ଚଉଦବର୍ଷ କାଳ ଏ ବନ୍ଦୀଶାଳାରେ ରଖି ଏତେ ଦୁଃଖ କଷ୍ଟ ଦେଲୁ ?' ଏ ପ୍ରଶ୍ନରେ ଶ୍ରୀକୃଷ୍ଣ ଅଳ୍ପ ହସି ମାତା ଦେବକୀଙ୍କୁ ପଚାରିଲେ- ମାଆ ! ମୁଁ ଏମିତି କି ପାପ କରିଥିଲି ଯେ ତୁମେ ମୋତେ ଚଉଦବର୍ଷ ବନବାସ ପଠେଇଦେଲ ? ରାତି ପାହିଥିଲେ ରାଜା ହୋଇଥାନ୍ତି, ମାତ୍ର ତୁମ ପାଇଁ ମୋତେ ଜଟାଜୁଟ ବକଳ ଧରି ବନକୁ ଯିବାକୁ ପଡ଼ିଲା ।'

ଏ ପ୍ରଶ୍ନରେ ଚମକି ପଡ଼ି ଦେବକୀ ପଚାରିଲେ- 'ମୁଁ ତୋତେ ଚଉଦବର୍ଷ ବନବାସ ପଠେଇଥିଲି ? ତୁ ଏ କ'ଣ କହୁଛୁ ପୁତ୍ର ? ଶ୍ରୀକୃଷ୍ଣ ଉତ୍ତର ଦେଲେ- 'ହଁ ମାଆ ! ଗତ ଜନ୍ମରେ ତୁମେ ଥିଲ ମହାରାଣୀ କୈକେୟୀ ଓ ପିତା ବସୁଦେବ ଥିଲେ ମହାରାଜ ଦଶରଥ । ତୁମେ ଦୁହେଁ ମୋତେ ବିନା ଦୋଷରେ ଚଉଦବର୍ଷ ବନବାସ ପଠେଇଥିଲ । ସେଥିପାଇଁ ତୁମ ଦୁହିଁଙ୍କୁ ଏ ଜନ୍ମରେ ଏ ବନ୍ଦୀଶାଳା ଭିତରେ ଚଉଦବର୍ଷ କଟେଇବାକୁ ପଡ଼ିଲା । ଆଶ୍ଚର୍ଯ୍ୟ ସ୍ୱରରେ ଦେବକୀ ପଚାରିଲେ- 'ଆଉ ରାଣୀ କୌଶଲ୍ୟା ? 'ଶ୍ରୀକୃଷ୍ଣ କହିଲେ- 'ସେ ହେଉଛନ୍ତି ଏ ଜନ୍ମର ଯଶୋଦା । ଗତ ଜନ୍ମରେ ସେ ଚଉଦ ବର୍ଷ କାଳ ପୁତ୍ର ବିଚ୍ଛେଦ ସହ୍ୟ କରିଥିବାରୁ ଏ ଜନ୍ମରେ ମୋତେ ତାଙ୍କ ସହ ଗୋପପୁରରେ ଚଉଦବର୍ଷ କଟେଇବାକୁ ପଡ଼ିଲା । ପୁଅ ମୁହଁରୁ ଏ ଉତ୍ତର ଶୁଣି ନୀରବ ହୋଇଗଲେ ଦେବକୀ । ନିରପେକ୍ଷ, ବିଚାରବନ୍ତ ଭଗବାନ୍ ଯେ ନିଜ ପିତାମାତାଙ୍କୁ ପ୍ରାରବ୍ଧଭୋଗରୁ ରକ୍ଷା କରିପାରିନଥିଲେ, ଏ କଥାଟି ତା'ର ଜ୍ୱଳନ୍ତ ପ୍ରମାଣ । ଆଜି ନହେଲେ କାଲି କର୍ମଫଳ ଭୋଗ ଅନିବାର୍ଯ୍ୟ । ଉପର ବର୍ଣ୍ଣିତ ଆଖ୍ୟାନଟିକୁ ଅନେକ ପାଠକ ପାଠିକା ବିଶ୍ୱାସ ନକରି ବି ପାରନ୍ତି । ମାତ୍ର ଏ କଥା ଚନ୍ଦ୍ରସୂର୍ଯ୍ୟ ଭଳି ସତ୍ୟ ଯେ, ସ୍ୱର୍ଗ ମର୍ତ୍ତ୍ୟ ବୋଲି କିଛି ନାହିଁ । ଏଇଠି ସ୍ୱର୍ଗ ଏଇଠି ନର୍କ । ଭଲ କର୍ମ କଲେ ସ୍ୱର୍ଗସୁଖ ମିଳେ । ମନ୍ଦକର୍ମ ପାଇଁ ନର୍କଯନ୍ତ୍ରଣା ଭୋଗକରିବାକୁ ପଡ଼ିଥାଏ ।

ଅନେକ ଦିନ ତଳେ ସୁପ୍ରିମକୋର୍ଟର ବିଚାରପତି ଥିବାବେଳେ ଜଷ୍ଟିସ ରଙ୍ଗନାଥ ମିଶ୍ର ପୁରୀରେ ଥିବା ଏକ ଲ'କଲେଜ୍‌ରେ ମୁଖ୍ୟ ଅତିଥି ଭାବରେ ଯୋଗଦେବା ପାଇଁ ପୁରୀ ଆସିଥିଲେ । ନିର୍ଦ୍ଧାରିତ ଦିନ ପୁରୀରେ ପହଞ୍ଚି ଜଗନ୍ନାଥ ଦର୍ଶନସାରି ଫେରୁଥିବା ବେଳେ ସିଂହଦ୍ୱାର ନିକଟରେ ବସିଥିବା ଜଣେ ଭିକାରି (ଯିଏ କି ଦୁରାରୋଗ୍ୟ ରୋଗ କାରଣରୁ ହାତରେ କନା ଗୁଡ଼େଇଥିଲେ) ବଡ଼ ପାଟିରେ ରଙ୍ଗନାଥ ବାବୁ ବୋଲି ନାଁ ଧରି ବାରମ୍ବାର ଡାକିଲେ । ଜଷ୍ଟିସ ମିଶ୍ର ହଠାତ୍ କିଛି ବୁଝିପାରିଲେନି । ଏ ସିଂହଦ୍ୱାରରେ ମୋତେ ସତରେ କିଏ ଡାକୁଛି ନା' ଆଉ କାହାକୁ ଡାକୁଛି । ଦ୍ୱିଧାରେ ପଡ଼ିଗଲେ ଜଷ୍ଟିସ ମିଶ୍ର । ବାରମ୍ବାର ଡାକ ଶୁଣି ପଛକୁ ଚାହିଁ ଦେଖିଲେ ଜଣେ ଭିକାରି ଡାକୁଛି । ଭିକାରିଜଣକୁ ଦେଖି ଜଷ୍ଟିସ ମିଶ୍ର ପଚାରିଲେ- 'ତମେ କିଏ ? କ'ଣ ପାଇଁ ମୋତେ ଡାକୁଛ ?' ଏଥର ଭିକାରିଜଣକ କହିଲେ- ସାର୍ ଆଜ୍ଞା ! ମୋତେ କ'ଣ ଚିହ୍ନିପାରୁନାହାନ୍ତି ? ମୁଁ ପରା ସେଇ କୁଳିଆ ଡାକୁ । ଆପଣ ଓଡ଼ିଶାରେ ଓକିଲାତି କଲାବେଳେ ମୋର ଡକାଏତି କେସ୍ ବୁଝୁଥିଲେ । ଗୋଟିଏ ଡକାଏତି କେସ୍‌ରେ ମୋତେ ତଳକୋର୍ଟରେ ଆଜୀବନ କାରାଦଣ୍ଡ ହୋଇଥିଲା; କିନ୍ତୁ ଆପଣ କେସ୍ ଲଢ଼ି ମୋତେ ହାଇକୋର୍ଟରେ ନିର୍ଦ୍ଦୋଷରେ ଖଲାସ କରି ଦେଇଥିଲେ; କିନ୍ତୁ ସେଇ କେସ୍‌ରେ ସତରେ ମୁଁ ଡକାଏତି ଓ ହତ୍ୟା କରିଥିଲି । ଏମିତି କେତେ କେସ୍‌ରେ ମୁଁ ଖଲାସ ହୋଇଯାଇଥିଲି । ସାର୍ ! ଏଠା କୋର୍ଟରେ ସିନା ଖଲାସ ହୋଇଗଲି, ହେଲେ ଉପରବାଲା ତା'କୋର୍ଟରେ ମୋତେ ଛାଡ଼ିଲାନି । ଏହି ଦୁରାରୋଗ୍ୟ ବ୍ୟାଧି ଦେଇଦେଲା । ଏହି ରୋଗ ହେବାରୁ ଘରେ, ବାହାରେ ସମସ୍ତେ ମୋତେ ଘୃଣା କଲେ । ବାଧ ହୋଇ ଘରଛାଡ଼ି ଏହି ସିଂହଦ୍ୱାରରେ ପ୍ରଭୁଙ୍କୁ ଆଶ୍ରାକରି ଭିକ୍ଷାମାଗୁଛି । ମିଳିଲେ ଖାଉଛି, ନ ମିଳିଲେ ନାହିଁ ।'

ଜଷ୍ଟିସ ମିଶ୍ର ଏସବୁ ନୀରବରେ ଶୁଣି ପକେଟରୁ ଗୋଟିଏ ଶହେଟଙ୍କିଆ ନୋଟ୍ କାଢ଼ି ତା' ହାତରେ ଦେଇ ଲ'କଲେଜ୍ ଉତ୍ସବକୁ ଚାଲିଗଲେ । ସେଠାରେ ତାଙ୍କ ବକ୍ତବ୍ୟରେ ଏହି ଘଟଣାର ବର୍ଣ୍ଣନା କରି କହିଲେ- 'ଆମେ ସବୁ ବିଚାରପତି କୋର୍ଟରେ ବସି ବିଚାର କରୁଛୁ; କିନ୍ତୁ ଆମ କୋର୍ଟ ଉପରେ ଆଉ ଗୋଟିଏ କୋର୍ଟ ଅଛି । ସେଠି ଆଉ ଜଣେ ବିଚାରପତି ଅଛନ୍ତି । ଜଣେ ଆମ କୋର୍ଟରୁ ଖସିଯାଇପାରେ, ମାତ୍ର ଭଗବାନଙ୍କ କୋର୍ଟରୁ ଖସିପାରିବନି । ଦୋଷୀକୁ ଦଣ୍ଡ ଅବଶ୍ୟ ମିଳିବ ।' ଏ କଥା କହିସାରିଲା ବେଳକୁ ଜଷ୍ଟିସ ମିଶ୍ରଙ୍କ ଆଖିରେ ଆଖିଏ ଲୁହ ।'

ପାଠକେ ! ମଣିଷର ମୃତ୍ୟୁ ପରେ ପତ୍ନୀ ଏରୁଣ୍ଡିବନ୍ଧ ଯାଏ, ଆତ୍ମୀୟସ୍ୱଜନ ଶ୍ମଶାନ ଯାଏ ଓ ପୁତ୍ର ଅଗ୍ନିଦାନ ଯାଏ ଯାଆନ୍ତି; କିନ୍ତୁ କେବଳ ଗୋଟିଏ ମାତ୍ର ଜିନିଷ ମଣିଷ ସହ ଈଶ୍ୱରଙ୍କ ନିକଟକୁ ଯାଏ, ତାହା ହେଉଛି ମଣିଷର କର୍ମ । ଏଣୁ ଈଶ୍ୱରଙ୍କୁ ନୁହେଁ, ନିଜ କର୍ମକୁ ହିଁ ଡରନ୍ତୁ । ଈଶ୍ୱର ହୁଏତ ଆପଣଙ୍କୁ କ୍ଷମା କରିଦେଇପାରନ୍ତି, ମାତ୍ର କର୍ମ ନୁହେଁ । ବାଛୁରୀ ଯେମିତି ଶହଶହ ଗାଈଙ୍କ ଭିତରେ ନିଜ ମାଆ ଗାଈକୁ ଚିହ୍ନିନିଏ, ସେମିତି କର୍ମଫଳ କର୍ତ୍ତାଙ୍କୁ ହିଁ ଖୋଜିନିଏ । ଏଣୁ ଶାସ୍ତ୍ର କହେ- 'କର୍ମ କରିବ କଷ୍ଟ ସହି, କର୍ମରେ ଭଲ ମନ୍ଦ ନାହିଁ । ସତ୍ୟ କର୍ମରେ ଧର୍ମ ଅଛି, ଧର୍ମ କରିବ କର୍ମ ବାଛି ।' ନୀରବରେ କର୍ମ କରି ଚାଲନ୍ତୁ । କର୍ମ ଅନୁସାରେ ଫଳ ଅବଶ୍ୟ ମିଳିବ । ପ୍ରତିଶୋଧ ନେବା ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ, କେବଳ ଚୁପ୍‌ଚାପ୍ ଅପେକ୍ଷା କରନ୍ତୁ । ଯିଏ ଅନ୍ୟର ଆଖିରେ ଲୁହ ଦେଇଛି, ସିଏ ନିଶ୍ଚିତ କାନ୍ଦିବ । ଆଉ ଯଦି ଆପଣ ଭାଗ୍ୟବାନ ହୋଇଥିବେ, ତା' ହେଲେ ଆପଣ ତାହା ନିଜ ଆଖିରେ ଦେଖିବେ । କାରଣ କର୍ମଫଳ ବଡ଼ ନିଷ୍ଠୁର । ସେ ନିମିଷକରେ ରଙ୍କକୁ ରାଜା କରିଦିଏ ଆଉ ରାଜାକୁ କରିଦିଏ ଲଙ୍ଗଳା ଫକିର ।

## ଆଜିର ଚିନ୍ତନ

ରାମଚନ୍ଦ୍ର ଧନୁ ଭାଙ୍ଗି ଦେଲେ । ସନ୍ଥ କହନ୍ତି ଧନୁ ତ ମାଧମ ଥିଲା । ଧନୁ ସହିତ ଆହୁରି କେତେ କ'ଣ ଭାଙ୍ଗି ଯାଇଥିଲା । ଧନୁ ଭାଙ୍ଗିଲା ଜନକ ରାଜାଙ୍କ ଚିନ୍ତା ମଧ ଭାଙ୍ଗି ଗଲା ବା ଶେଷ ହେଲା । ଦ୍ୱିତୀୟ କଥା, ଜାନକୀ ମାତା ସୁନୟନା ରାଣୀଙ୍କ ଚିନ୍ତା ଅର୍ଥାତ୍ ପୃଥିବୀରେ ବୀର ନାହାନ୍ତି, ଆଉ ଧନୁ ଭଙ୍ଗ ହେବ ନାହିଁ, ମୋ ସୀତା ଅଭିଆଡି ରହି ଯିବେ, ବରଣ କନ୍ୟା ହୋଇ ରହିଯିବେ । ତାଙ୍କର ଏହି ଚିନ୍ତା ଭଙ୍ଗ ହେଲା । ତୃତୀୟତଃ ଧନୁ ଶାଳାରେ ଉପସ୍ଥିତ ଥିବା ରାଜାମାନଙ୍କ ଅହଂକାର ଭଙ୍ଗ ହୋଇଗଲା । ନଗରବାସୀମାନଙ୍କର ଆଶଙ୍କା, ପ୍ରତୀକ୍ଷା ଭଙ୍ଗ ହେଲା । ଏଣେ ଲଙ୍କାରେ ମନ୍ଦୋଦରୀଙ୍କ ଚୁଡ଼ି ଭଙ୍ଗ ହେବାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲା । ସଖୀମାନେ ସୀତାଙ୍କୁ ବରଣ ମାଳା ଦେଇ କହିଲେ, ରାଜଜେମା ! ଏବେ ଏ ମାଳା ରାମଚନ୍ଦ୍ରଙ୍କୁ ପିନ୍ଧାଅ । ସୀତା ହାତକୁ ଉପରକୁ ଟେକିଲେ କିନ୍ତୁ ମାଳା ପିନ୍ଧାଇ ପାରିଲେ ନାହିଁ । ରାମଚନ୍ଦ୍ର ଅପେକ୍ଷାରତ । ସୀତା ବିଳମ୍ବ କରିବାରୁ ରାମଚନ୍ଦ୍ର ମନେ ମନେ କହୁଛନ୍ତି, ସୀତେ ! ଆଉ ବିଳମ୍ବ କାହିଁକି ? ସୀତା ମନେ ମନେ କହୁଛନ୍ତି, ପ୍ରଭୁ ! ଧନୁ ଭାଙ୍ଗିବା ପାଇଁ ଆପଣ କେତେ ବିଳମ୍ବ କରି ମୋ ଧୈର୍ଯ୍ୟଚ୍ୟୁତି ଘଟାଇ ଥିଲେ । ଏବେ ମୁଁ ତା'ର ପ୍ରତିବଦଳରେ ବିଳମ୍ବ କରୁଛି । ସୀତାଙ୍କ ବୟସ କମ୍ ଥିଲା । ତାଙ୍କ ଶ୍ରୀହସ୍ତ ରାମଚନ୍ଦ୍ରଙ୍କ ମସ୍ତକ ପର୍ଯ୍ୟନ୍ତ ପହଞ୍ଚି ପାରୁ ନଥିଲା । "ଶ୍ରୀରାମ ବିବାହେ ରାମ ବୟସ ପନ୍ଦର, ସୀତାଙ୍କର ଛଅ ବର୍ଷ ଶାସ୍ତ୍ରର ବିଚାର ।" ରାମ ରଘୁବଂଶୀ ଥିବାରୁ ଯେତିକି ମସ୍ତକ ନୂଆଁଇବା କଥା ତା'ଠାରୁ ବେଶୀ ନୂଆଁଉ ନ ଥିଲେ । ବଂଶ ମର୍ଯ୍ୟାଦା ହାନି ଭୟରେ ରାମ ଲକ୍ଷ୍ମଣଙ୍କୁ ଚାହିଁ ଇସାରାରେ କହିଲେ ଲକ୍ଷ୍ମଣ ! ବିଳମ୍ବ ହେଉଛି ତୁ ତ ପୃଥିବୀ ଧାରଣ କରିଛୁ । ସୀତା ଛିଡ଼ା ହୋଇଥିବା ସ୍ଥାନ ଟିକିଏ ଉପରକୁ କରିଦେ । ଲକ୍ଷ୍ମଣ ଏହା ଅସମ୍ଭବ ବୋଲି ସୂଚନା ଦେଲେ । ଏ ଧର୍ମ ସଂକଟ ବେଳେ ଗୁରୁଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ ନହେଲେ ସୀତା ସ୍ୱୟମ୍ବରରେ ଗୁରୁ ବିଶ୍ୱାମିତ୍ର ଉପେକ୍ଷିତ ହେବା ଭଳି ବୋଧ ହୁଅନ୍ତା ।

# କୁହୁକ ଅଙ୍କ

## ଡ଼ଃ ପ୍ରମୋଦ କୁମାର ପଣ୍ଡା

ଏକ ଅଙ୍କ କିମ୍ବା ଅଙ୍କ ମାନଙ୍କର ସମୂହକୁ ସଂଖ୍ୟା କୁହାଯାଏ । ଏହା ଗଣିତ ଶାସ୍ତ୍ରର ମୌଳିକ ଆଧାର । ଦୈନନ୍ଦିନ ଜୀବନରେ ଗଣିବା, ମାପିବା , ନାମକରଣ କରିବା ଇତ୍ୟାଦି ଅନେକ କ୍ଷେତ୍ରରେ ସଂଖ୍ୟା ବ୍ୟବହୃତ ହୋଇଥାଏ । ଏପରିକି ନିଜସ୍ୱ ପରିଚୟ ଜୀବିତ ରଖିବାକୁ ସଂଖ୍ୟା ଜରୁରୀ ଅଟେ । ଏଇ ଯିମିତି ବେଙ୍କ ଖାତା, ଆଧାର କାର୍ଡ, ପାନ କାର୍ଡ, ଭୋଟର ପରିଚୟ ପତ୍ର, ଟେଲିଫୋନ, ମୋବାଇଲ, ଡ୍ରାଇଭିଙ୍ଗ ଲାଇସାନ୍ସ, ଯାନବାହନ, ପାସ ୱାର୍ଡ ଇତ୍ୟାଦି । ଶୁଭାଶୁଭ ସଂଖ୍ୟା ବିଚାର କରି ଅନେକେ ଗାଡ଼ି, ମୋବାଇଲ ଇତ୍ୟାଦି ପଞ୍ଜିକରଣ ବେଳେ ଅଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି । ନିଜକୁ ସୁହାଇଲା ଭଳି ନମ୍ବର ଆଣିଥାନ୍ତି । ଆଉକେତେକେ ପଣ୍ଡିତଙ୍କ ପରାମର୍ଶ କ୍ରମେ ନମ୍ବର, ସଂଖ୍ୟା କିମ୍ବା ଅଙ୍କ ନିର୍ଦ୍ଧାରଣ କରିଥାନ୍ତି । ହୁଏତ ଏହାକୁ ଅନ୍ଧବିଶ୍ୱାସ କୁହାଯାଇପାରେ । ସମସ୍ତ ଅଙ୍କମାନଙ୍କର ନିଜ ନିଜର ବିଶେଷତା ଅଛି । କୌଣସି ଅଙ୍କ ଶୁଭ କିମ୍ବା ଅଶୁଭ ହେବ କିମିତି ? ଅପିତୁ କେତେକ ଅଙ୍କ ନିଜର ଗାରିମରେ ଗରୀୟାନ । ଏମାନଙ୍କୁ ଆମେ କୁହୁକ ଅଙ୍କ ବୋଲି ବିଚାର କରିପାରୁ ।

୭୮୬, ୧୩ ଓ ୧୨ କୁ ଯଥାକ୍ରମେ ମୁସଲମାନ, ଶିଖ ଓ ଇସାଇ ଧର୍ମାବଲମ୍ବୀ ଶୁଭ ମାନନ୍ତି । ବୌଦ୍ଧ ଓ ଜୈନଧର୍ମୀ ମାନେ ୮ କୁ ଶୁଭ ସୂଚକ ଭାବନ୍ତି । ଅଦ୍ୟାବଧି ଏହାର ଆଧାର ସ୍ପଷ୍ଟ ଓ ପରିପୁଷ୍ଟ ନ ହେଲେ ବି ବିଶ୍ୱାସ ଓ ଅନ୍ଧବିଶ୍ୱାସର ଲଢେଇ ମଧରେ କିଏ ଜିତିଲା ଏବଂ କିଏ ଜିତିଲା ଆକଳନ କରିବା ଭାରୀ କଷ୍ଟକର । ହିନ୍ଦୁଧର୍ମ ପାଇଁ ମଧ ଏ ସିଦ୍ଧାନ୍ତ ସମଭାବେ ପ୍ରଯୁଜ୍ୟ ।

୧୦୮ କୁ ହିନ୍ଦୁଧର୍ମାବଲମ୍ବୀ ମାନେ ଏକ ମହତ୍ତ୍ୱପୂର୍ଣ ସଂଖ୍ୟା ବୋଲି ବିଚାର କରନ୍ତି । ତୁଳସୀ ଏବଂ ରୁଦ୍ରାକ୍ଷ ମାଳା ୧୦୮ କଣ୍ଠି ବିଶିଷ୍ଟ । ଦେବ ଦେବ ମହାଦେବଙ୍କୁ ୧୦୮ ବେଲପତ୍ର ସମର୍ପଣ କରାଯାଏ । ୧୦୮ ଆହୁତିରେ ଯଜ୍ଞାଦି ଶୁଭ କର୍ମ ପୁରଶ୍ଚରଣ ପଡ଼େ । ଗାୟତ୍ରୀ ମନ୍ତ୍ର ୧୦୮ ବାର ପାଠ କଲେ ଶୁଭ ଫଳ ମିଳେ । ପଦ୍ମ ପୂରଣରେ ଶ୍ରୀକୃଷ୍ଣଙ୍କ ଅଷ୍ଟୋତ୍ତର ଶତ (୧୦୮) ନାମ ବର୍ଣିତ ଅଛି । ହଜାର ହଜାର ଗୋପାଙ୍ଗଣଙ୍କ ମଧରୁ ୧୦୮ ଗୋପୀ ଶ୍ରୀକୃଷ୍ଣଙ୍କ ଅତି ପ୍ରିୟ ଥିଲେ । ଉପନିଷଦ ସାଂଖ୍ୟା ୧୦୮ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

ସ୍ୱୀକାର
ବର୍ଷ ୨୮, ସଂଖ୍ୟା - ୩୩, ୧୮ - ୨୪ ଅଗଷ୍ଟ ୨୦୨୪


# ଅଦୃଶ୍ୟ ସରକାର

ଏହା ସତ୍ୟ ଯେ, ଏକ ସୁସ୍ଥ ଗଣତନ୍ତ୍ର ତଥା ରାଜ୍ୟ ଓ ଦେଶର ସମୂହ ବିକାଶ ଏବଂ ଉନ୍ନତି ନିମନ୍ତେ ଉଭୟ ଲୋକସଭା, ରାଜ୍ୟସଭା ଏବଂ ବିଧାନସଭାରେ ଦୃଢ଼ ବିରୋଧୀ ରହିବା ଦରକାର । କିନ୍ତୁ, ସେହି ବିରୋଧୀ ଏକ ଗଠନାତ୍ମକ ଓ ସକାରାତ୍ମକ ଚିନ୍ତାଧାରାର ହୋଇଥିବା ନିତାନ୍ତ ଆବଶ୍ୟକ । ନିଜର ହୃଦୟ ଏବଂ ବିଚାରଧାରାକୁ ବଡ଼ କରି ସରକାରଙ୍କର ସମସ୍ତ ଭଲ ଯୋଜନା, ଜନହିତରେ ହେଉଥିବା କାର୍ଯ୍ୟ, ପ୍ରଶାସନିକ କାର୍ଯ୍ୟାବଳୀ ଏବଂ ସମୂହ ବିକାଶର ଧାରାକୁ ଗ୍ରହଣ କରିବା ସହ ଉକ୍ତ ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମିତ୍ତ ନିଜ ରାଜନୈତିକ ଓ ପ୍ରଶାସନିକ ଅନୁଭବ ଏବଂ ଅନୁଭୂତିର ସଠିକ ଉପଯୋଗ କରି, ସରକାରଙ୍କର କାନ୍ଧରେ କାନ୍ଧ ମିଶାଇ ବାସ୍ତବିକ ଭାବରେ ସେସବୁକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ନିଜର ସହଭାଗିତା ତଥା ଶ୍ରେଷ୍ଠ ଅବଦାନ ଦେବା ଉଚିତ । - ଏହାଛଡ଼ା, ଉକ୍ତ ଯୋଜନାର କାର୍ଯ୍ୟକାରିତାରେ କିଛି ତ୍ରୁଟି ତଥା ବିଫଳତା ପରିଲକ୍ଷିତ ହେଲେ ସେସବୁକୁ ସରକାରଙ୍କର ଦୃଷ୍ଟିଗୋଚର କରିବା ସହ ତାହା ଉପରେ ସ୍ୱତଃ ତର୍ଜମା ତଥା ବିଚାର କରି ଏକ ବିକଳ୍ପ ଓ ସମାଧାନର ରାସ୍ତା ଦେଖାଇବା ତଥା ପ୍ରସ୍ତାବ ଦେବା ଦରକାର । ଦେଶ ତଥା ରାଜ୍ୟରେ କୌଣସି ଏକ ଜରୁରୀକାଳୀନ ପରିସ୍ଥିତି ତଥା ଉଭୟ ଦେଶ ଓ ରାଜ୍ୟ କୌଣସି ଏକ ଜାତୀୟ ତଥା ଆନ୍ତର୍ଜାତୀୟ ସମସ୍ୟା, ବିବାଦ ଓ ବିପତ୍ତିର ସମ୍ମୁଖୀନ କରିବା ସମୟରେ, ବିରୋଧୀଦଳ ଗୁଡ଼ିକ ନିଜର ବ୍ୟକ୍ତିଗତ ଓ ଦଳୀୟ ଚିନ୍ତାଧାରା ଏବଂ ସମସ୍ତ ରାଜନୈତିକ ସ୍ୱାର୍ଥଠାରୁ ଅନେକ ଉର୍ଦ୍ଧ୍ୱକୁ ଯାଇ, ଏକ ମନ, ଏକ ବିଚାର ଏବଂ ଏକ ଚିନ୍ତାଧାରା ସହ ସରକାରଙ୍କ ଦ୍ୱାରା ନିଆଯାଇଥିବା ଅଥବା ନେବାକୁ ଥିବା ନିଷ୍ପତ୍ତି ଏବଂ ପଦକ୍ଷେପରେ ଦୃଢ଼ତାର ସହ ଛିଡ଼ା ହେବା ହେଉଛି ଗୋଟିଏ ଗଠନାତ୍ମକ ବିରୋଧୀର ଏକ ଗତିଶୀଳ, ସ୍ୱତନ୍ତ୍ର ଏବଂ ସକାରାତ୍ମକ ଗୁଣ ତଥା ଉତ୍କର୍ଷତାର ସ୍ତର ଓ ମାତ୍ରା ଅଟେ ।

ତେବେ ବ୍ରିଟିଶମାନଙ୍କ କବଳରୁ ସାତ ଦଶନ୍ଧିର ସ୍ୱାଧୀନତା ପରେ ମଧ ଆମ ଦେଶ ଏଭଳି ଏକ ପର୍ଯ୍ୟାୟ ଦେଇ ଗତି କରୁଛି ଯେଉଁଠାରେ ଦେଶକୁ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିବା ନିମନ୍ତେ ପ୍ରଶାସନ ଓ ସରକାରର ଶାସନ ପ୍ରଣାଳୀ ଓ ବ୍ୟବସ୍ଥାରେ ଆଜି ଅନେକ ମରାମତି ଆବଶ୍ୟକ ଅଟେ । ବର୍ତ୍ତମାନ, ଅନେକ କ୍ଷେତ୍ରରେ ଏହା ଦେଖିବାକୁ ମିଳୁଛି ଯେ, ଗଣତନ୍ତ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ସରକାର ସେମାନଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ଚାହାଁନ୍ତି ନାହିଁ । ପ୍ରକୃତ ଅର୍ଥରେ, ପ୍ରତିଟି ସମୟରେ ଗୋଟିଏ ରାଜ୍ୟ କିମ୍ବା ଦେଶରେ ଏକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ରହିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ, କେତେକ ରାଜ୍ୟରେ ବିରୋଧୀ ଦଳ ଏକ ଛାୟା ସରକାର ଗଠନ କରନ୍ତି । ମୁଖ୍ୟତଃ ଏହାର ଅଭିଜ୍ଞ ଓ ବରିଷ୍ଠ ନିର୍ବାଚିତ ପ୍ରତିନିଧି ମାନେ ବର୍ତ୍ତମାନର ସରକାରକୁ ସମାଲୋଚନା କରନ୍ତି ଏବଂ ସେମାନେ କିପରି ଭିନ୍ନ ଭାବରେ କାର୍ଯ୍ୟ କରିବେ ତାହା ଦର୍ଶାନ୍ତି ।

ଛାୟା ସରକାର, ଯାହାକୁ ଗୁପ୍ତ ସରକାର କିମ୍ବା ଅଦୃଶ୍ୟ ସରକାର ମଧ କୁହାଯାଏ । ଏଥିରେ ବିରୋଧୀ ଦଳର ମୁଖପାତ୍ରଙ୍କ ଏକ ବରିଷ୍ଠ ଗୋଷ୍ଠୀ ରହିଥାନ୍ତି, ଯେଉଁମାନେ ବର୍ତ୍ତମାନର ସରକାରଙ୍କ ପାଇଁ ଏକ ବିକଳ୍ପ କ୍ୟାବିନେଟ୍ ଗଠନ କରନ୍ତି ଏବଂ ଯାହାର ସଦସ୍ୟମାନେ କ୍ୟାବିନେଟର ପ୍ରତ୍ୟେକ ବ୍ୟକ୍ତିଗତ ପଦବୀ ତଥା ବିଭାଗକୁ ଛାଇ କିମ୍ବା ପ୍ରତିବିମ୍ବିତ କରନ୍ତି । ଶାସକ ଦଳର ମନ୍ତ୍ରଣାଳୟ ସହିତ ସମାନ୍ତରାଳ ଭାବରେ ସେମାନଙ୍କର ଦାୟିତ୍ୱ କ୍ଷେତ୍ର ତଥା ସରକାରୀ ବିଭାଗ ଗୁଡ଼ିକ ଏକ ଛାୟା ଦାୟିତ୍ୱ ତଥା ଦସ୍ତର ଭାବରେ କାର୍ଯ୍ୟ କରିଥାଏ । ଛାୟା କ୍ୟାବିନେଟର ସଦସ୍ୟମାନଙ୍କର କୌଣସି କାର୍ଯ୍ୟନିର୍ବାହୀ ଶକ୍ତି ନ'ଥାଏ । କିନ୍ତୁ, ସରକାରଙ୍କ ନୀତି ତଥା କାର୍ଯ୍ୟକଳାପକୁ ଅନୁଧ୍ୟାନ କରିବା ସହିତ ବିକଳ୍ପ ନୀତି ପ୍ରଦାନ କରିବା ଛାୟା କ୍ୟାବିନେଟର ମୁଖ୍ୟ ଦାୟିତ୍ୱ ଓ କାର୍ଯ୍ୟ ଅଟେ । ଏହି ପ୍ରକ୍ରିୟା ମାଧ୍ୟମରେ ବିରୋଧୀ, ସରକାରଙ୍କ ନୀତି ଏବଂ କାର୍ଯ୍ୟକଳାପ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଏ ।

ନିକଟ ଅତୀତରେ, ନିର୍ବାଚିତ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ନଜର ରଖିବାକୁ ଓଡ଼ିଶାର ବିରୋଧୀ ଦଳର ଶୀର୍ଷ ନେତୃତ୍ୱ ନିଜର ନିର୍ବାଚିତ ପ୍ରତିନିଧି ତଥା ବିଧାୟକ ମାନଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି ଏବଂ ବିଧିବଦ୍ଧ ଭାବରେ ଦଳୀୟ ବିଜ୍ଞପ୍ତି ମାଧ୍ୟମରେ ଏକ ପ୍ରତ୍ୟକ୍ଷ ଛାୟା ତଥା ଅଦୃଶ୍ୟ ସରକାର ଗଠନ କରିଛନ୍ତି, ଯେଉଁଥିରେ ଦଳର ୫୦ଜଣ ବରିଷ୍ଠ ବିଧାୟକଙ୍କୁ ଭିନ୍ନ ଭିନ୍ନ ସରକାରୀ ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି । ଯାହାଦ୍ୱାରା ସେମାନେ ସରକାରଙ୍କ ଉକ୍ତ ବିଭାଗର କାର୍ଯ୍ୟର ଶୈଳୀ ଓ ଦାୟିତ୍ୱ ବହନ ପ୍ରକ୍ରିୟା ଗୁଡ଼ିକୁ ଅତି ନିକଟରୁ ଏବଂ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରିବେ । କିନ୍ତୁ, ଉକ୍ତ ଅଦୃଶ୍ୟ ସରକାରରେ ବର୍ତ୍ତମାନର ନିର୍ବାଚିତ ସରକାରଙ୍କର ବିରୁଦ୍ଧରେ କେବଳ ବିରୋଧ ନୁହେଁ, ତାଙ୍କର ପ୍ରତିଟି ଭଲ କାର୍ଯ୍ୟ ଓ ସଫଳତା ଗୁଡ଼ିକର ପ୍ରଶଂସା ମଧ କରାଯିବା ଦରକାର । ଯାହାକି' ଆଗାମୀ ଦିନରେ ଆହୁରି ଭଲ ଓ ଉନ୍ନତ କାର୍ଯ୍ୟ କରିବା ନିମନ୍ତେ ତାହା ତାଙ୍କୁ ପ୍ରେରଣା ଓ ଉତ୍ସାହ ଦେବ । ଅତଏବ, ରାଜନୀତିରୁ ଅନେକ ଉର୍ଦ୍ଧ୍ୱକୁ ଯାଇ ମିଳିତ ଭାବରେ ଦେଶ, ରାଜ୍ୟ ଏବଂ ଅଞ୍ଚଳ ପାଇଁ ନିଃ ସ୍ୱାର୍ଥ ଏବଂ ସର୍ବୋ ଭାବରେ କାର୍ଯ୍ୟ କରିବା ଲାଗି ଯଦି ଉଭୟ ସରକାର ଏବଂ ବିରୋଧୀ ଏକ ଗଠନମୂଳକ ତଥା ସକାରାତ୍ମକ ଚିନ୍ତାଧାରା ନେଇ ଆଗେଇ ଆସିବେ ତେବେ ଦେଶରେ ଦାରିଦ୍ର୍ୟ, ବିଭିନ୍ନ ସମସ୍ୟା ଏବଂ ଅସୁବିଧା ଆଦିର ସମାଧାନ ସ୍ୱତଃ ଏବଂ ସ୍ୱାଭାବିକ ଭାବରେ ହୋଇଚାଲିବ ଏବଂ ଭାରତ ଖୁବ କମ ସମୟ ମଧରେ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ହୋଇ ଉଭା ହେବ । ସମଗ୍ର ଦେଶ ପ୍ରତ୍ୟେକ କ୍ଷେତ୍ର ଏବଂ ଲକ୍ଷ୍ୟରେ ଚରମ ସଫଳତା ପାଇବା ସହ, ଖୁବ କମ ଅବଧି ମଧରେ ଏହା ବିକାଶଶୀଳ ମାନ୍ୟତାରୁ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇ ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ।



# ସାମରିକୀକରଣର ମାର୍ଗ

ମହାତ୍ମା ଗାନ୍ଧୀ

ଜାତିମାନଙ୍କର ମିଳନକ୍ଷେତ୍ରରେ ଭାରତବର୍ଷର କିଭଳି ସ୍ଥାନ ରହିବ ? ଏକ ପଞ୍ଚମ ସ୍ତରର ଶକ୍ତି ହୋଇ ରହିବାରେ ସେ ସନ୍ତୋଷ ଲାଭ କରିବ କି ? ଏକ ପ୍ରଥମ ଶ୍ରେଣୀର ସାମରିକ ଶକ୍ତି ହୋଇ ପାରିବା ନିମନ୍ତେ ଭାରତକୁ ବହୁକାଳ ଅପେକ୍ଷା କରିବାକୁ ହେବ । ସେଥିଲାଗି ତାହାକୁ କୌଣସି ପାଶ୍ଚାତ୍ୟ ଶକ୍ତି ପାଖରେ ତାଲିମ ମଧ ନେବାକୁ ପଡ଼ିବ ।

ଏକ ସାମରିକ ଶକ୍ତିରେ ପରିଣତ ହେବାକୁ ଚେଷ୍ଟା କରି ନିଜର ଆଦୌ କୌଣସି ନିଜସ୍ୱ ବାର୍ତ୍ତା ଦେବାକୁ ନଥାଇ ଭାରତ ଅନ୍ତତଃ କେତେବର୍ଷ ପାଇଁ ଏକ ପଞ୍ଚମ ସ୍ତରର ଶକ୍ତିଭାବେ ସନ୍ତୁଷ୍ଟ ହୋଇ ରହିବ.. ଅଥବା ଆପଣାର ଅହିଂସାନୀତିରେ ଆହୁରି ଅଧିକ ପରିଶୋଧନ ଘଟାଇ ଏବଂ ତାହାକୁ ହିଁ ଗ୍ରହଣ କରି ସିଏ ଆପଣାର କଷ୍ଟଲବ୍ଧ ସ୍ୱାଧୀନତାକୁ ମିତ୍ରପକ୍ଷର ତଥାକଥିତ ବିଜୟଲାଭ ସତ୍ତ୍ୱେ ପୃଥିବୀକୁ ପେଷି ପକାଉଥିବା ହିଂସାର ଗ୍ରୁହବୋଝରୁ ପୃଥିବୀକୁ ମୁକ୍ତି କରି ଆଣିବାକୁ ହିଁ ବ୍ୟବହାର କରୁଥିବା ପୃଥିବୀର ସର୍ବପ୍ରଥମ ଦେଶ ହେବାର ଯୋଗ୍ୟତା ହାସଲ କରିବ, ଭାରତବର୍ଷକୁ ସେହି ବିଷୟରେ ଅବଶ୍ୟ ଏକ ନିଷ୍ପତ୍ତି କରିବାକୁ ହେବ ।

ସତ୍ୟ ଏବଂ ଅହିଂସାକୁ ଅବଲମ୍ବନ କରି ରହିଥିବା ଏକ ସ୍ୱାଧୀନ ଭାରତବର୍ଷ ଦକ୍ଷିଣ ଆଫ୍ରିକାର ଅଧିବାସୀମାନଙ୍କୁ ଶାନ୍ତିର ଶିକ୍ଷା ଦେଇ ପାରିବ । ମାତ୍ର, ଏକ ସ୍ୱାଧୀନ ଭାରତବର୍ଷ ଶକ୍ତିର ମାର୍ଗ ଅଥବା ତରବାରୀର ମାର୍ଗ ଗ୍ରହଣ କରିବ, ଆମକୁ ତଥା କଂଗ୍ରେସକୁ ତାହାର ନିଷ୍ପତ୍ତି କରିବାକୁ ପଡ଼ିବ । ଏହା ଅତ୍ୟନ୍ତ ଖରାପ କଥା ଯେ ପୃଥିବୀର କ୍ଷୁଦ୍ର କ୍ଷୁଦ୍ର ଜାତିମାନେ ମନୁଷ୍ୟଜାତିକୁ ତା'ର ବହୁମୂଲ୍ୟ ଉତ୍ତରାଧିକାରରୁ ବଞ୍ଚିତ କରି ରଖିବେ, ଚାଳିଶି କୋଟି ମନୁଷ୍ୟଙ୍କର ଏକ ଉପମହାଦେଶ ଯଦି ବାରୁଦର ପଥକୁ ବାଛିନେବ ଏବଂ ବିପଜ୍ଜନକଭାବରେ ଜୀବନ ବଞ୍ଚିବ, ତେବେ ତାହା ପ୍ରକୃତରେ ଏକ ଭୟଙ୍କର କଥା ହିଁ ହେବ ।

ଏସିଆ ମହାଦେଶର ଯୁଦ୍ଧକ୍ଳାନ୍ତ ଦେଶମାନେ କ'ଣ ଜାପାନର ପଦାଙ୍କ ଅନୁସରଣ କରିବେ ଓ ସାମରିକୀକରଣର ମାର୍ଗ ଗ୍ରହଣ କରିବେ ? ଭାରତବର୍ଷ କେଉଁ ବାଟଟିକୁ ବାଛିବ, ଉକ୍ତ ପ୍ରଶ୍ନଟିର ଉତ୍ତର ତାହାରି ଉପରେ ନିର୍ଭର କରୁଛି । ଭାରତବର୍ଷ ପୃଥିବୀକୁ ଶାନ୍ତିର ଶିକ୍ଷା ଦେବ ଅଥବା ପୃଥିବୀକୁ ମରଣାନ୍ତକ ଭାବରେ ରୋଗଗ୍ରସ୍ତ କରି ରଖିଥିବା ଘୃଣା ଓ ହିଂସାର ଶିକ୍ଷା ଦେବାକୁ ଆଗ୍ରହ ପ୍ରକାଶ କରିବ ?

ସମୁଦାୟ ଭାରତ ଯଦି ପ୍ରେମର ସେହି ଚିରନ୍ତନ ବିଧାନକୁ ଗ୍ରହଣ କରି ପାରନ୍ତା, ତେବେ ଭାରତବର୍ଷ ସମଗ୍ର ପୃଥିବୀର ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ପାରନ୍ତା ।

ମୁଁ କେବଳ ଏତିକି ଆଶା ଓ ପ୍ରାର୍ଥନା କରୁଛି ଯେ, ଏକ ନୂତନ ତଥା ବଳିଷ୍ଠ ଭାରତବର୍ଷର ଜାଗରଣ ଅବଶ୍ୟ ଘଟିବ- ସିଏ ଯୁଦ୍ଧ ବାଟରେ ଯିବ ନାହିଁ । ପାଶ୍ଚାତ୍ୟର ଯାବତୀୟ ବୀଭତ୍ସତାରେ ତାହାର ନୀତି ଅନୁକରଣ କରୁ ନ ଥିବ, ମାତ୍ର ଏଇ ନୂତନ ଭାରତବର୍ଷ ଯିଏକି ପାଶ୍ଚାତ୍ୟ ଜଗତର ଦେବାକୁ ରହିଥିବା ସର୍ବୋତ୍ତମ ସବୁକଥାକୁ ଶିକ୍ଷା କରୁଥିବ ଏବଂ କେବଳ ଏସିଆ ଓ ଆଫ୍ରିକାର ନୁହେଁ, ମାତ୍ର ଦୁଃଖରେ ସନ୍ତାପିତ ହେଉଥିବା ସମଗ୍ର ପୃଥିବୀର ଆଶାରୂପେ ଆପଣାକୁ ପ୍ରତିଷ୍ଠିତ କରିପାରିବ ।

ପାଶ୍ଚାତ୍ୟର ବୃଥା ଚାକଚକ୍ୟକୁ ନକଲ କରିବାର ଯେଉଁ ପାଗଳାମି ଦେଖା ଦେଇଛି, ତାହା ସତ୍ତ୍ୱେ ମୋ' ଭିତରେ ତଥା ଆହୁରି ଅନେକଙ୍କ ଭିତରେ ଏହିଭଳି ଏକ ଆଶା ତଥାପି ବିଦ୍ୟମାନ ରହିଛି ଯେ, ଭାରତ ଏହି ମୃତ୍ୟୁନୃତ୍ୟ ଭିତରୁ ଅବଶ୍ୟ ବାହାରି ଆସିବ ଏବଂ ୧୯୧୭ ମସିହା ପରେ ଅବିରାମଭାବରେ ବେଶି ବର୍ଷ କାଳ ଯେତେ ଅପୂର୍ଣ୍ଣଭାବରେ ହେଲେ ମଧ ଅହିଂସାରେ ପ୍ରଶିକ୍ଷିତ ହୋଇ ଆସିଥିବା ହେତୁ ଯେଉଁ ନୈତିକ ଉଚ୍ଚତା ତା'ର ପ୍ରାପ୍ୟ ହେଲା ରହିବା ଉଚିତ, ସେହି ଉଚ୍ଚତାଟିକୁ ଭାରତବର୍ଷ ଅବଶ୍ୟ ହାସଲ କରିବ ।

ଆକାରରେ କ୍ଷୁଦ୍ରତର ହେଲେ ମଧ ଆତ୍ମଶକ୍ତିର କ୍ଷେତ୍ରରେ ଶୁଦ୍ଧ ହୋଇ ରହିଥିବା ଏକ ଭାରତବର୍ଷ ତଥାପି ସାହସୀର ଅହିଂସା ନିମନ୍ତେ ଏକ ଚାରା କିଆରୀରୂପେ କାର୍ଯ୍ୟ କରିପାରିବ ଏବଂ ପୃଥିବୀର ନୈତିକ ନେତୃତ୍ୱ ଗ୍ରହଣ କରିବ, ତଦ୍ଦ୍ୱାରା ସିଏ ଉତ୍ପୀଡ଼ିତ ଏବଂ ଶୋଷିତ ଜାତିମାନଙ୍କ ଲାଗି ଏକ ନୂତନ ଆଶାର ସନ୍ଦେଶ ବହନ କରି ଆଣିବ । ମାତ୍ର, ଆପଣାର ଆତ୍ମାକୁ ହରାଇ ବସିଥିବା ଏକ ଦୁର୍ବଳ ଭାରତବର୍ଷ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର କେବଳ ଗୋଟିଏ ଅନୁକରଣମାତ୍ର ହୋଇ ରହିବ, ସେଥିରେ ବି କେବଳ ତୃତୀୟ ଶ୍ରେଣୀର ନକଲଟିଏ ହୋଇ ରହିଥିବ । ସେମାନଙ୍କର ଆକ୍ରମଣ ବିରୋଧରେ ଦଣ୍ଡାୟମାନ ହୋଇ ପାରିବାକୁ ତା'ର ଆଦୌ ଶକ୍ତି ନ ଥିବ । ମୋ' ସ୍ୱପ୍ନରେ ରହିଥିବା ଭାରତବର୍ଷର ଚିତ୍ରଟି ଛାରଖାର ହୋଇଗଲେ ତା'ପରେ ତଥାପି ବଞ୍ଚି ରହିବାକୁ ମୋ'ର କୌଣସି ବାସନା ନାହିଁ ।


# ପୋଷଣରେ ଭରପୁର ମିଲେଟସ୍

ମିଲେଟସ୍ ବିଷୟରେ ପୂର୍ବରୁ ଲୋକେ ଜାଣିଥିଲେ ମଧ ଏଥିରେ ଥିବା ପୋଷକତତ୍ତ୍ୱ ବିଷୟରେ ଲୋକେ ସଚେତନ ନ ଥିଲେ । ହେଲେ ମିଲେଟ୍ ମିଶନରେ ବ୍ୟାପକ ପ୍ରଚାର ପ୍ରସାର ଯୋଗୁଁ ଲୋକେ ଏ ସମ୍ପର୍କରେ ଜାଣିଲେଣି । ଏହା ଏକ ଅଣଧାନ ଶସ୍ୟ । ବିଭିନ୍ନ ପ୍ରକାର ମିଲେଟସ୍ ରହିଥିଲେ ମଧ ମାଣ୍ଡିଆ, ବାଜରା, ସୁଆଁ, ଜୋଆର, ରାଜଗିରା, କାଙ୍ଗୁ, ଚିନା ଆଦି ବିଷୟରେ ଲୋକେ ଅଧିକ ଜାଣନ୍ତି । ଧାନ, ଗହମ ଭଳି ଏଗୁଡ଼ିକ ମଧ ଏକ ପ୍ରକାର ଶସ୍ୟ ଅଟେ । ଏଗୁଡ଼ିକ ଛୋଟ ଛୋଟ ଦାନା ହୋଇଥାଏ । ଭାରତରେ ଲୋକେ ଧାନ ଓ ଗହମ ପ୍ରମୁଖ ଖାଦ୍ୟଭାବେ ଗ୍ରହଣ କରିଥାନ୍ତି । ହେଲେ ଏହା ଅପେକ୍ଷା ମିଲେଟସରେ ପୋଷକତତ୍ତ୍ୱ ଭରପୁର ରହିଛି । ବିଭିନ୍ନ ରଙ୍ଗ ଏବଂ ଆକାରରେ ମିଳୁଥିବା ଏହି ଶସ୍ୟରେ ପ୍ରୋଟିନ୍, କ୍ୟାଲସିୟମ, ଆଇରନ, ପୋଟାସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍, ଭିଟାମିନ୍ ବି' ରହିଛି । ଏହା ବ୍ୟତୀତ ମିଲେଟସ୍ ଗ୍ଲୁଟେନ ଫ୍ରି ଅଟେ । ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା, ଗହମରେ ଆଲର୍ଜି ଥିବା ଲୋକ, ମଧୁମେହ ରୋଗୀଙ୍କ ପାଇଁ ଏହା ଉପଯୋଗୀ । ତେଣୁ ସୁସ୍ଥ ରହିବା ପାଇଁ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ । ମିଲେଟସକୁ ଭାତ ଭଳି ପ୍ରସ୍ତୁତ କରି ଡାଲି ଓ ସମ୍ବର ସହ ଖାଇ ପାରିବେ । ଏହା ବ୍ୟତୀତ ବିଭିନ୍ନ ପ୍ରକାର ଦୋସା, ଇଡ଼ଲି, ଉପମା, ପଲାଉ ମିଠା, କେକ୍ ଆଦି ପ୍ରସ୍ତୁତ କରି ଖାଦ୍ୟରେ ସାମିଲ କରିପାରିବେ ।



# ସୁସ୍ଥ ରଖେ ଦେଶୀ ଆଳୁ

ଦେଶୀଆଳୁ ବା ଖମ୍ବଆଳୁ ଏହାଦେଶର ବିଭିନ୍ନ ଭାଗରେ ଦେଖିବାକୁ ମିଳିଥାଏ । ମାତ୍ର ମଧ ପ୍ରଦେଶରେ ଏହାକୁ ଅଧିକ ଲୋକ ଖାଇଥାନ୍ତି । ଏପରିକି ଫ୍ରାଏ କରି ଚାର୍ଟ ମଧ କରି ପାରିବେ ।



ଭରପୁର ଫାଇବର: ଏଥିରେ ବହୁ ମାତ୍ରାରେ ଫାଇବର ଭରି ରହିଛି, ଯାହା ପେଟ ପାଇଁ ଖୁବ୍ ଲାଭଦାୟକ । ଫାଇବର ପେଟରୁ ବିଷାକ୍ତ ପଦାର୍ଥକୁ ବାହାର କରି ଦେଇଥାଏ । ଫଳରେ କବ୍ଜ, ବଦହଜମୀ ଓ ଗ୍ୟାସ ଆଦି ସମସ୍ୟା ଦୂରହୋଇଥାଏ ।

ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି: ଦେଶୀଆଳୁରେ ଭିଟାମିନ୍ ସି ମଧ ଭରି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହା ବ୍ୟତୀତ କ୍ୟାଲସିୟମ ହାଡ଼ ଓ ଦାନ୍ତକୁ ମଜଭୁତ କରିଥାଏ । ସେହିପରି ଶରୀରରେ ଶ୍ୱେତ ରକ୍ତକଣିକା ମଧ ବଢ଼ାଇଥାଏ, ଯାହା ଫଳରେ କ୍ଷତ ହେଲେ ତାହା ଜଲଦୀ ଭରିଯାଏ ।

ମସ୍ତିଷ୍କ ପାଇଁ ଲାଭଦାୟକ: ଦେଶୀଆଳୁରେ କେତେକ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି ଯାହା ଶରୀର ଓ ମସ୍ତିଷ୍କକୁ କେତେକ ରୋଗରୁ ରକ୍ଷା କରିଥାଏ ।

# ସ୍ୱର୍ବେଦ

**କ୍ଷର ଅକ୍ଷର ନିଃଅକ୍ଷର, ପ୍ରକୃତି ଆତମା ଜାନ ।**
**କାରଣ କାରଜ ସୃଷ୍ଟି କା, ବୋଧ ପରା କର ଜ୍ଞାନ ॥୨୭॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଦ୍ୱାରା କ୍ଷର, ଅକ୍ଷର, ନିଃଅକ୍ଷର, ପ୍ରକୃତି, ଆତ୍ମା ଓ ଜଗତର କାରଣ ଏବଂ ତାହାର ବିସ୍ତାରର ଜ୍ଞାନ ହୋଇଥାଏ ।


**ମଧୁଓ୍ୱିଦ୍ୟା ପରକାଶ ମେଁ, ଭକ୍ତି କର୍ମ କର ଜ୍ଞାନ ।**
**କାରଣ ବନ୍ଧନ ମୁକ୍ତି କା, ନିଜ ପର ସୁଖ ଦୁଖ ଜାନ ॥୨୮॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ପ୍ରକାଶରେ ଭକ୍ତି ଓ କର୍ମର ଜ୍ଞାନ ଏବଂ ଜୀବର ବନ୍ଧନ ଏବଂ ତାହାର ମୁକ୍ତିର କାରଣ ଜ୍ଞାନ ହୋଇଥାଏ ତଥା ଆତ୍ମା ଓ ଦେହ ସଂଘାତ ତଥା ସୁଖ ଦୁଃଖାଦି କାରଣର ଜ୍ଞାନ ହୋଇଥାଏ ।

**ସମଝବ କାଲ ଦୟାଲ କା, ଓ୍ୱିଦ୍ୟା ପରା ଓ୍ୱିଓ୍ୱେକ ।**
**କାଲ ପାଶ ସେ ଛୁଟିୟା, ମଧୁଓ୍ୱିଦ୍ୟା କେ ଟେକ ॥୨୯॥**

ଭାଷ୍ୟ - ପରାବିଦ୍ୟାର ବିବେକ ଦ୍ୱାରା କାଳ ଓ ଦୟାଳର ବୋଧ ହୋଇଥାଏ ଆଉ ଜୀବାତ୍ମା ସେହି ଜ୍ଞାନ ଆଶ୍ରୟରୁ କାଳର ବନ୍ଧନରୁ ମୁକ୍ତ ହୋଇ ଦୟାଳ ଅର୍ଥାତ୍ ପରମପ୍ରଭୁଙ୍କୁ ପ୍ରାପ୍ତ କରେ ।

**ମୋହ ନିଶା ମେଁ ସୋଓ୍ୱତା, ଓ୍ୱୀତା ଜନ୍ମ ଅନେକ ।**
**ମଧୁଓ୍ୱିଦ୍ୟା ସେ ଜାଗତା, ଭ୍ରମ ଆଲସ ଗୟେ ନେକ ॥୩୦॥**




ଭାଷ୍ୟ - ମୋହ ଅନ୍ଧକାରରେ ଶାୟିତ ହୋଇ ଅନେକ ଜନ୍ମ ବିତିଗଲା । ଯେତେବେଳେ ମଧୁବିଦ୍ୟାର ଉତ୍କୃଷ୍ଟ ପ୍ରକାଶ ଉଦୟ ହେଲା, ସେତେବେଳେ ଜାଗି ଉଠିଲ ଆଉ ଭ୍ରମ ଏବଂ ଆଳସ୍ୟ ସବୁ ଦୂର ହୋଇଗଲା ।

**ଭାନୁ ଜ୍ୟୋତି କେ ସାମନେ, ସର୍ବ୍ବ ଜ୍ୟୋତି ଢପି ଜାୟ ।**
**ବ୍ରହ୍ମଓ୍ୱିଦ୍ୟା ପରକାଶ ମେଁ, ସର୍ବ୍ବ ଜ୍ଞାନ ଛିପି ଜାୟ ॥୩୧॥**

ଭାଷ୍ୟ - ସୂର୍ଯ୍ୟଙ୍କର ପ୍ରକାଶ ସମ୍ମୁଖରେ ଯେଉଁଭଳି ସମସ୍ତ ପ୍ରକାଶ କ୍ଷୀଣ ହୋଇ ସେଥିରେ ଢାଙ୍କି ହୋଇଯାଏ, ସେହି ପ୍ରକାର ବ୍ରହ୍ମବିଦ୍ୟାର ପ୍ରକାଶରେ ସମସ୍ତ ଜ୍ଞାନ ସମାବିଷ୍ଟ ହୋଇ ସେଥିରେ ଲୁଚି ଯାଇଥାଏ । ସମସ୍ତ ଜ୍ଞାନର ଆଧାର ବ୍ରହ୍ମବିଦ୍ୟା ଅଟେ ।

**ବ୍ରହ୍ମଓ୍ୱିଦ୍ୟା ସଂଚାର ବିନୁ, ଜିଓ୍ୱନ ମୃତିକ ସମ ଜାନ ।**
**କର୍ମ ଧର୍ମ ସବ ଭାର ହୈ, ଜନ୍ମ ମରଣ ଦୁଖ ଖାନ ॥୩୨॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଶୂନ୍ୟ ଜୀବନ ମୃତବତ୍ ଅଟେ ଆଉ ସମସ୍ତ କର୍ମ ଧର୍ମ ଭାରସ୍ୱରୂପ ତଥା ଜନ୍ମ ମରଣ ରୂପୀ ଦୁଃଖର ଖଣି ଅଟେ । ବ୍ରହ୍ମବିଦ୍ୟାର ପ୍ରକାଶରେ ହିଁ ସମସ୍ତ କର୍ତ୍ତବ୍ୟ ପୂର୍ଣ୍ଣ ହୋଇଥାଏ । ବ୍ରହ୍ମବିଦ୍ୟାରୁ ହୀନ ସମସ୍ତ ଧର୍ମ ଆଉ କର୍ତ୍ତବ୍ୟ ଅନ୍ଧକାର ଅଟେ । ଏଥିରେ ଜୀବ ନିର୍ବିଘ୍ନ, ସୁଖମୟ ହୋଇ ନ ପାରେ । ଅତଏବ ବ୍ରହ୍ମବିଦ୍ୟାର ପ୍ରକାଶରେ ହିଁ ସମସ୍ତ କାର୍ଯ୍ୟ ପୂର୍ଣ୍ଣରୂପରେ ସଫଳ ହୋଇଥାନ୍ତି ।

**ଅଓ୍ୱିଦ୍ୟା ଓ୍ୱିଦ୍ୟା ଦୋଉ, ଏକ ସାଥ ଜୋ ଜାନ ।**
**ମୃତ୍ୟୁ ଅଓ୍ୱିଦ୍ୟା ଛୁଟ କର, ଓ୍ୱିଦ୍ୟା ଅମୃତ ପାନ ॥୩୩॥**

ଭାଷ୍ୟ - ଅବିଦ୍ୟା ଆଉ ବିଦ୍ୟା - ଏ ଦୁଇଟିର ଜ୍ଞାନ ଯାହା ପାଖରେ ଥାଏ, ସେ ଅବିଦ୍ୟା ତତ୍ତ୍ୱଜ୍ଞାନରୁ ତଥା ମୃତ୍ୟୁରୁ ମୁକ୍ତ ହୋଇ, ବ୍ରହ୍ମବିଦ୍ୟା ଯୋଗାଭ୍ୟାସ ଅନୁଭବ ଯୋଗ ସମାଧି ଦ୍ୱାରା ଅମୃତ ପରମାନନ୍ଦକୁ ପ୍ରାପ୍ତ କରିଥାଏ ।

**ବ୍ରହ୍ମଓ୍ୱିଦ୍ୟା ପରକାଶ ମେଁ, ଜ୍ଞାନ ଯୋଗ ବନ କର୍ମ ।**
**ଲୋକ କର୍ମ ଓ୍ୱାକେ ବିନା, ଭ୍ରମ ଭୂଲ ସବ ଧର୍ମ ॥୩୪॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ପ୍ରକାଶରେ ହିଁ ଜ୍ଞାନଯୋଗ ଓ କର୍ମଯୋଗ ହୋଇଥାଏ । ବ୍ରହ୍ମବିଦ୍ୟାର ପ୍ରକାଶ ଶୂନ୍ୟ ସଂସାରର ସମସ୍ତ ଧର୍ମ ଓ କର୍ମ ଅନ୍ଧକାର ତଥା ମରୀଚିକା ସଦୃଶ ଅଟନ୍ତି ।

**କର୍ମ କାମ ନିଷ୍କାମ ହୋ, ଜୈସେ କାଜେ କର୍ମ ।**
**ବ୍ରହ୍ମଓ୍ୱିଦ୍ୟା କୀ ସନ୍ଧି ବିନ, ବନ୍ଧନ ଧୋଖା ଧର୍ମ ॥୩୫॥**

ଭାଷ୍ୟ - ସକାମ ଆଉ ନିଷ୍କାମ ଯାହା ବି କର୍ମ ହେଉ, ସେ ସମସ୍ତ କର୍ମ ବ୍ରହ୍ମବିଦ୍ୟାରୁ ନିକୃଷ୍ଟ ହୋଇଥିବାରୁ ଭ୍ରମ ତଥା ବନ୍ଧନ ଅଟେ ।

**ଓ୍ୱହ ଅନ୍ଧେ ଜଗ ଜୀଓ୍ୱ ହୈଂ, ବିନା ଜ୍ଞାନ କର କର୍ମ ।**
**କର୍ମ ମେଁ କରତା ବନ୍ଧିୟା, ବନ୍ଧନ ଭୀ ନିଷ୍କର୍ମ ॥୩୬॥**

ଭାଷ୍ୟ - ସଂସାରର ସେହି ସମସ୍ତ ଜୀବ ଅନ୍ଧ ଅଟନ୍ତି ଯେଉଁମାନେ ଜ୍ଞାନହୀନ ହୋଇ କର୍ମ କରିଥାନ୍ତି । ଅଜ୍ଞାନମୟ କର୍ମର ବନ୍ଧନରେ ଜୀବ ବାନ୍ଧି ହୋଇଛି । ପ୍ରକୃତିରୁ ଅସଙ୍ଗ ହୋଇ କର୍ମ ଓ ବନ୍ଧନ ହୋଇ ନ ଥାଏ । ଜୀବାତ୍ମାକୁ ଅଜ୍ଞାନତାରୁ ହିଁ କର୍ମ ଓ ବନ୍ଧନ ପ୍ରାପ୍ତ ହୋଇଥାଏ ।

**ବ୍ରହ୍ମବିଦ୍ୟା କେ ବୋଧ ବିନୁ, ଜପ ତପ ପୂଜା ପାଠ ।**
**ଯଜ୍ଞ ଦାନ ଓ୍ୱତ ନିୟମ ଜୋ, ଯହ ସବ ଉକଠା କାଠ ॥୩୭॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ବିବେକଶୂନ୍ୟ ଜପ ତପ, ପୂଜାପାଠ, ଯଜ୍ଞ ଦାନ ଆଉ ବ୍ରତ ନିୟମ - ଏ ସମସ୍ତ ମୂଳରୁ ଉପୁଡ଼ି ଯାଇଥିବା ବୃକ୍ଷର କାଷ୍ଠ ସଦୃଶ ଅଟନ୍ତି । ଶୁଷ୍କ ବୃକ୍ଷରେ ରସ କିମ୍ବା ଜୀବନ ନ ଥାଏ । ଠିକ୍ ସେମିତି ଜ୍ଞାନହୀନ ସମସ୍ତ କର୍ମ ଶୁଷ୍କ ଓ ନିର୍ଜୀବ ଅଟନ୍ତି ।

# ଗୁଳୁଚିର ଲାଭ

ଏହା ଏକ ବହୁ ବାର୍ଷିକ ଆରୋହିଣୀ ଲତା । ଯାହାକି ସର୍ବତ୍ର ଦେଖିବାକୁ ମିଳେ । ଏହାର ଚେର ଏବଂ କାଣ୍ଡରୁ ଏକ ପ୍ରକାର ମୂଲ୍ୟବାନ ଶର୍କରା ବା ମଧୁର ରସ ମିଳେ । ଆୟୁର୍ବେଦ ସାହିତ୍ୟରେ ଏହାର ନାମ ରଖାଯାଇଛି 'ଜୀବନ୍ତିକା' । ଏହି ଗଛର ବିଶେଷତ୍ୱ ହେଲା ଯେଉଁ ଗଛକୁ ଏହି ଲତା ନିଜର ଉଆଧାର କରିଥାଏ ସେହି ଗଛର ଗୁଣ ମଧ ଏହାର



କାଣ୍ଡରେ ଏକତ୍ରିତ ହୋଇଯାଏ । ଏହି ଲତାର ଚେର, ଫଳ ଓ ପତ୍ରକୁ ଦୁର୍ବଳତା ବିନାଶକ, କୁଷ୍ଠ, ମଧୁମେହ, କାମଳ, ରକ୍ତବାତ, ବାତ, ପ୍ଲୀହା ରୋଗ, ଅଗ୍ନିମାନ୍ଦ୍ୟ, ଶକ୍ତିବର୍ଦ୍ଧକ ଆଦି ରୋଗ ପାଇଁ ବ୍ୟବହାର କରାଯାଏ । ପତ୍ରରେ କ୍ୟାଲସିୟମ, ପୁଷ୍ଟିସାର ଓ ଫସଫରସ ରହିଥାଏ । ଯାହା ରକ୍ତହୀନତା ଓ ଦାନ୍ତକ୍ଷୟ ରୋଗ ପାଇଁ ଲାଭକାରୀ । ଗୁଳୁଚି କାଢ଼ାରେ ଘିଅ, ଗୁଡ ଓ ମହୁ ମିଶାଇ ପାନ କଲେ, ବାତ ବିକାର, କୋଷ୍ଠକାଠିନ୍ୟ, ପିତ୍ତବିକାର ଏବଂ କଫ ବିକାର ଦୂର ହୋଇଥାଏ । ଜ୍ୱର ପାଇଁ ଯେତେ ଔଷଧ ପ୍ରୟୋଗ କରାଯାଏ ସେଥି ମଧ୍ୟରୁ ଗୁଳୁଚି ହେଉଛି ସର୍ବଶ୍ରେଷ୍ଠ । ଅଧିକ ତେଲ ଜିନିଷ ଖାଇଲେ ଅତ୍ୟଧିକ ପରିଶ୍ରମକଲେ, ମାଂସ, ଅଣ୍ଡା ଭଳି ଗୁରୁପାକ ଦ୍ରବ୍ୟ ଭୋଜନ କଲେ, ମାନସିକ ପରିଶ୍ରମ କଲେ, କ୍ରୋଧିତ ହେଲେ ଏହିସବୁ କାରଣରୁ ଶରୀର ଦୂଷିତ ହୋଇ ତୃଷ୍ଣା ରୋଗ ଉତ୍ପନ୍ନ ହୁଏ । ତେବେ ଗୁଳୁଚି ରସ ସହିତ ମହୁ ମିଶାଇ ସେବନ କଲେ ଏହି ରୋଗ ଦୂର ହୁଏ । ଗୁଳୁଚି କାଣ୍ଡକୁ ଭଲଭାବେ ପେଷି ସେଥିରେ ଗୋଲମରିଚ ଚୂର୍ଣ୍ଣ ମିଶାଇ ଉଷୁମ ଜଳ ସହିତ ପାନ କଲେ ହୃଦରୋଗରେ ଉପକାର ମିଳେ । ଘୋଳ ଦହିରେ ଅଳ୍ପ ଗୁଳୁଚି ଚୂର୍ଣ୍ଣ ମିଶାଇ ସେବନକଲେ ଅର୍ଶ ରୋଗ ଭଲ ହୁଏ । ଏହାର ପତ୍ରକୁ ବାଟି ରସ ବାହାର କରି ମୁଖରେ ଲେପନ କଲେ ଚର୍ମ ପରିଷ୍କାର ହେବା ସହିତ ମୁଖ ବ୍ରଣ ନାଶ ହୋଇଥାଏ । ବୟସ ଛଡ଼ ଶରୀରରେ ମାଡ଼ିଲେ ମଧ ଏହାର ରସକୁ ବ୍ୟବହାର କରିପାରିବେ । ତେବେ ଗୁଳୁଚିର ଅଧିକ ବ୍ୟବହାର ଶରୀର ପାଇଁ କ୍ଷତିକାରକ । ଏଣୁ ଚିକିତ୍ସକଙ୍କ ପରାମର୍ଶକ୍ରମେ ଏହାକୁ ବ୍ୟବହାର କରନ୍ତୁ ।

## କୁହୁକ ଅଙ୍କ...

ତୃତୀୟ ପୃଷ୍ଠାରେ ଅବଶିଷ୍ଟାଂଶ

ଦେବାଧିଦେବ ମହାଦେବଙ୍କ ତାଣ୍ଡବ ନୃତ୍ୟ ୧୦୮ ମୁଦ୍ରାଯୁକ୍ତ । ୧୦୮ ଅଙ୍କରେ ୧ କୁ ଏକ ଈଶ୍ୱର ବୋଲି ପ୍ରତିପାଦିତ କରାଯାଏ ଯିଏ ସାର୍ବଭୌମତ୍ୱର ପ୍ରତିନିଧିତ୍ୱ କରନ୍ତି । ଶୂନ (0) ଈଶ୍ୱର ଶୂନ୍ୟ, ପୂର୍ଣ୍ଣତା ଓ ନିର୍ବିକାରର ପ୍ରତୀକ ଅଟନ୍ତି । ଆଠ ( ୮ ) , ଅନନ୍ତ କିମ୍ବା ଶାଶ୍ୱତତାକୁ ପ୍ରତିବିମ୍ବିତ କରେ ବୋଲି ଗଭୀର ବିଶ୍ୱାସ ରହିଛି ।

ଜ୍ୟୋତିଷ ଶାସ୍ତ୍ରାନୁସାରେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ୨୭ ତାରା ମଣ୍ଡଳ ବିଶିଷ୍ଟ । ନକ୍ଷତ୍ର ସଂଖ୍ୟା ମଧ ୨୭ । ପ୍ରତ୍ୟେକ ନକ୍ଷତ୍ରର ଚାରିଟି ଲେଖାଏଁ ଦିଶା ଥାଏ । ତେଣୁ ନକ୍ଷତ୍ର ସଂଖ୍ୟା ଓ ଦିଶାର ଗୁଣଫଳ ୧୦୮ (ଏକ ଶହ ଆଠ) ଅଟେ । ବାର (୧୨) ରାଶି ଓ ୯ ଟି ଗ୍ରହର ଗୁଣଫଳ ୧୦୮ ଏକ ଶହ ଆଠ) । ପ୍ରତ୍ୟେକ ରାଶିରେ ପ୍ରତ୍ୟେକ ଗ୍ରହ ୧୦୮ ଥର ସ୍ଥାପିତ ହୋଇ ପାରିବେ ।

ସଂସ୍କୃତ ବର୍ଣ୍ଣମାଳା ୫୪ ଅକ୍ଷର ବିଶିଷ୍ଟ କ୍ଷ ପ୍ରତ୍ୟେକ ବର୍ଣ୍ଣ ପୁଲିଙ୍ଗ ଓ ସ୍ତ୍ରୀଲିଙ୍ଗ , ଶିବ ଏବଂ ଶକ୍ତିର ପ୍ରତୀକ । ତେଣୁ ୫୪ ଓ ୨ ର ଗୁଣଫଳ (୧୦୮) ଏକ ଶହ ଆଠ ଅଟେ ।

ଭାରତୀୟ ସାକ୍ଷ୍ୟ ଅଧିନିୟମ ୧୮୭୨ ଧାରା ୧୦୮ ଅନୁସାରେ ଜଣେ ବ୍ୟକ୍ତି ଏକକାଳୀନ ସାତ ବର୍ଷ ନିଖୋଜ ରହିଲେ ଅଥବା ତାର କୌଣସି ପତ୍ତା ନ ମିଳିଲେ ସମ୍ପୃକ୍ତ ବ୍ୟକ୍ତିକୁ ମୃତ ଘୋଷଣା କରାଯାଇଥାଏ ।

ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ୧୦୮ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ଅଟେ । କୌଣସି ଡାଏଲ ପେଡର ପ୍ରଥମ ବାମ ଅଙ୍କ ୧ ଅଟେ । ଧାରେଧାରେ ସବା ତଳକୁ ଗଲେ ଓ ତା ଉପର ସଂଖ୍ୟାଟି ୮ ଅର୍ଥାତ ୧୦୮ । ପ୍ରଥମ ତିନିଅଙ୍କ (୧, ୨ ଓ ୩ ) କୁ ସେହି ଅଙ୍କରେ ଥରେ, ଦୁଇଥର ଓ ତିନିଥର ଗୁଣି ଗୁଣଫଳ ସବୁକୁ ଗୁଣନ କଲେ ଗୁଣଫଳ ୧୦୮ ହେବ । ୧×୧= ୧, ୨×୨ = ୪ ଏବଂ ୩×୩×୩ = ୨୭ (ସତେଇଶ) । ଏହି ତିନୋଟି ଗୁଣାଃଫଳକୁ ଗୁଣିଲେ ଅର୍ଥାତ ୧×୪×୨୭ = ୧୦୮ (ଏକ ଶହ ଆଠ) ।

ବାଇବେଲ ଧର୍ମଗ୍ରନ୍ଥରେ ସତ୍ୟ ଓ କ୍ଷମା ଶବ୍ଦ ପ୍ରତ୍ୟେକେ ୧୦୮ ଥର ଲେଖାଏଁ ପ୍ରୟୋଗ କରାଯାଇଛି । ଇସାଇ ଧର୍ମାନୁସାରେ ତିଥି ଦୁଇ ପ୍ରକାରର ଓ ପ୍ରତ୍ୟେକ ତିଥି ୫୪ ଦିନ ବିଶିଷ୍ଟ । ତିଥି ଓ ଦିନ ସଂଖ୍ୟାର ଗୁଣନ ଫଳ ୧୦୮ (ଏକ ଶହ ଆଠ) ହୁଏ । ସେମିତି ବୌଦ୍ଧ ମନ୍ଦିର ମାନଙ୍କରେ ୧୦୮ ଟି ଲେଖାଏଁ ଶିଢ଼ି ଓ ୧୦୮ ଟି ଲେଖାଏଁ ସ୍ତମ୍ଭ ଦେଖିବାକୁ ମିଳେ । ଜାପାନ ଦେଶରେ ୧୦୮ ସନ୍ଥ ପୂଜା କରାଯାଏ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ ୧୦୮ ଏକ କୁହୁକ ଅଙ୍କ । ଏକ ବର୍ଷରେ ସୂର୍ଯ୍ୟ ୨୧୬୦୦ କଳା ପରିବର୍ତ୍ତନ କରିଥାନ୍ତି । ସୂର୍ଯ୍ୟ ଛଅ ମାସ ଉତ୍ତରାୟଣ ଓ ଅନ୍ୟ ଛଅ ମାସ ଦକ୍ଷିଣାୟନ ରେ ରୁହନ୍ତି । ଅର୍ଥାତ ପ୍ରତି ଛଅ ମାସରେ ସୂର୍ଯ୍ୟଙ୍କ କଳା ୧୦୮୦୦ । ଶେଷ ଦୁଇଟି ଶୂନ୍ୟକୁ ବାଦ ଦେଲେ ୧୦୮ ହୁଏ । ଚନ୍ଦ୍ରମାର ବ୍ୟାସ ୨୧୮୦ ମାଇଲ । ଚନ୍ଦ୍ର ଓ ପୃଥିବୀର ଦୂରତା ୨୩୮୦୦୦ ମାଇଲ ଯାହା ଚନ୍ଦ୍ର ବ୍ୟସର ୧୦୮ ଗୁଣର ପାଖାପାଖି ଅଟେ । ଭୂମଧ ରେଖାରେ ପୃଥିବୀର ବ୍ୟାସ ୭୭୨୬ ମାଇଲ । ସୂର୍ଯ୍ୟର ବ୍ୟାସ ୮୬୫୦୦୦ ମାଇଲ ଯାହା ପୃଥିବୀ ବ୍ୟସର ପାଖାପାଖି ୧୦୮ ଗୁଣ ଅଟେ । ସେହିପରି ସୂର୍ଯ୍ୟର ବ୍ୟାସକୁ ୧୦୮ ରେ ଗୁଣନ କଲେ ଗୁଣଫଳ ସୂର୍ଯ୍ୟ ଓ ପୃଥିବୀର ଦୂରତା ସହିତ ସମାନ ହୁଏ । ଅନୁରୂପ ଭାବେ ଚନ୍ଦ୍ରର ବ୍ୟାସ ଗୁଣନ ୧୦୮ ସମାନ ଚନ୍ଦ୍ର ଏବଂ ପୃଥିବୀର ଦୂରତା । ପବିତ୍ର ଗଙ୍ଗା ୧୨° ( ୭୯° ରୁ ୯୧° ) ଦ୍ରାଘିମା ଓ ୯° (୨୨° ରୁ ୩୧°) ଅକ୍ଷାଂଶ ମଧରେ ସାମ୍ପ୍ରସାରିତ । ଏଠି ମଧ ୧୨×୯ = ୧୦୮ ହୁଏ ।

ଆୟୁର୍ବେଦ ଅନୁଯାୟୀ ମଣିଷ ଶରୀରରେ ୧୦୮ ନାଡ଼ି ଏବଂ ୧୦୮ ଟି ବିନ୍ଦୁ ଥାଏ ଯାହାକୁ ପର୍ଯ୍ୟବେଶିତ କରି ଚିକିତ୍ସା କରାଯାଏ । ଯୋଗ ଶାସ୍ତ୍ରାନୁଯାୟୀ ସୂର୍ଯ୍ୟ ନମସ୍କାର ୧୨ ଆସନ ଓ ୯ ଚକ୍ରରେ କରାଯାଉ । ଯାହା ୧୨×୯ = ୧୦୮ ଅଟେ । କରାଟେରେ ଅନ୍ତିମ ଗୋଜୁ - ରୟୁକାଟା ସୁପରିନପେୟି ଯାହାର ଅର୍ଥ ୧୦୮ ଅଟେ ।

ରାଷ୍ଟ୍ରୀୟ ଆପାତକାଳୀନ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଉପଲବ୍ଧ ପାଇଁ ସରକାର ଟେଲିଫୋନ ନମ୍ବର ଜାରୀ କରିଛନ୍ତି । ତାହାହେଲା ୧୦୮ (ଏକ ଶହ ଆଠ) । ଏହି ନମ୍ବରକୁ କଲ କଲେ ରୋଗୀ କିମ୍ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ଓ ଡାକ୍ତରଖାନାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ବିନା ଖର୍ଚ୍ଚରେ ନିଆଅଣା କରାଯାଇଥାଏ ।

ଅଧାତ୍ମିକ, ବୈଜ୍ଞାନିକ, ଧାର୍ମିକ, ଜ୍ୟୋତିଷ ଶାସ୍ତ୍ର, ନ୍ୟାୟିକ, ମନୋବୈଜ୍ଞାନିକ ଇତ୍ୟାଦି ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଏକ ଶହ ଆଠ (୧୦୮) ସଂଖ୍ୟାର ଗୁରୁତ୍ୱ ଅନୁଭୂତ କରିହୁଏ । ଏହା ଏକ ଅଦ୍ଭୁତ ସଂଖ୍ୟା । ତେଣୁ ଏହି ସଂଖ୍ୟାକୁ କୁହୁକ ଅଙ୍କ କହିଲେ ମଧ ନିରାଧାର ହେବ ନାହିଁ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର

## ଟିକିଏ ହସନ୍ତୁ

ପ୍ରଥମ ଥର ପାଇଁ ପପୁ ଏକ ସୁନ୍ଦର ଝିଅ ସହ ବୁଲୁଥାଏ । ଅନେକ ସମୟ ପର୍ଯ୍ୟନ୍ତ କେହି କାହା ସହ କଥା ହେଉ ନ ଥାଆନ୍ତି । ଶେଷରେ ସାହସ କରି ପପୁ ଝିଅକୁ ମୁଁ ପ୍ରଥମ ଥର ପାଇଁ କୌଣସି ଝିଅ ସହ ମିଶୁଛି । ଯଦି ମୁଁ କିଛି ଭୁଲ୍ କରିଦିଏ ତେବେ ସାନ ଭାଇ ଭାବି କ୍ଷମା କରିଦେବ ।

× × × ×

ରାତିରେ ଡେରିରେ ଘରକୁ ଆସିବାରୁ ମା' ଝିଅକୁ: କୁଆଡେ ଯାଇଥିଲୁ ?
ଝିଅ: ବୟଫ୍ରେଣ୍ଡ ସାଙ୍ଗରେ ଥିଲି ।
ମା' ରାଗିକି: ଦିନେ ତୁ ଆମ ସମସ୍ତଙ୍କ ମୁହଁରେ କଳା ବୋଳିଦେବୁ ।
ଝିଅ: ଚିନ୍ତା କାହିଁକି କରୁଛ ?
ଫେୟାର ଆଣ୍ଡ ଲଭ୍ଲି ତ ଅଛି । ପୁଣି ଗୋରା ହୋଇଯିବନି ।

× × × ×

ଜଣେ ବୃଦ୍ଧ ବ୍ୟକ୍ତି ସେଲୁନ୍ ଯାଇଥାଆନ୍ତି । ତାଙ୍କ ମୁଣ୍ଡରେ ମାତ୍ର ୧୦-୧୨ ଟି ଚୁଟି ଥାଏ ।
ସେ ଯାଇ ସେଲୁନ୍ ଚେୟାରରେ ବସିପଡିଲେ ।



ସେଲୁନବାଲା ହସି ହସି: ଆଜ୍ଞା ମୁଁ କେଶ ଗଣିବି ନା, କାଟିବି ?
ବୃଦ୍ଧ ବ୍ୟକ୍ତି: କଲର୍ କରିଦିଅ ।

× × × ×

ଶିକ୍ଷକ: ପପୁ କାଲି ଯେଉଁ ହୋମ୍ୱର୍କ ଦିଆଯାଇଥିଲା, ତୁ କାହିଁକି କରିନାହୁଁ ।
ପପୁ: କେମିତି କରିଥାନ୍ତି ସାର୍ ?
ଶିକ୍ଷକ: କେମିତି ମାନେ ?
ପପୁ: ସାର୍ ଆପଣ ହୋମ୍ୱର୍କ ଦେଇଥିଲେ । ମୁଁ କ'ଣ ହୋମରେ ରହୁଛି ? ମୁଁ ପରା ହଷ୍ଟେଲରେ ଅଛି । ଆଉ ହୋମ୍ୱର୍କ କେମିତି କରିଥାନ୍ତି ।

× × × ×

ସୋନୁ: ମା' ମୁଁ ଟିଭି ଦେଖି ଦେଖି ହୋମ୍ୱର୍କ କରିବି ?
ମା: ହଁ ଭଲକଥା କିନ୍ତୁ ଟିଭି ଅନ୍ କରିବୁ ନାହିଁ ।

× × × ×

ବଣ୍ଟି: କାଲି ଗୋଟେ ରକେଟ ଛାଡିଲି ସିଧା ଯାଇ ସୂର୍ଯ୍ୟ ଦେହରେ ବାଜିଲା, ପ୍ରବଳ ପିଟା ଖାଇଲି ।
ନଟି: କିଏ ପିଟିଲା ?
ବଣ୍ଟି: କିଏ ଆଉ ପିଟିବ ? ସୂର୍ଯ୍ୟର ବାପା ବୋଉ ।

# ମୂଳାର ଉପକାରିତା

ମୂଳା ଏକ ସ୍ୱାସ୍ଥ୍ୟ ଉପଯୋଗୀ ପରିବା ହୋଇଥିଲେ ମଧ୍ୟ ଆମ ମଧ୍ୟରୁ ଅନେକ ଏହା ଖାଇବାକୁ ଅନିଚ୍ଛା ପ୍ରକାଶ କରିଥାଉ । ମୂଳାରେ ଆୟୋଡିନ୍, କ୍ୟାଲସିୟମ ଓ ଆଇରନ ଭରପୁର ମାତ୍ରାରେ ରହିଛି । ମୂଳା ଖାଇବା ଦ୍ୱାରା ପାଚନତନ୍ତ୍ର ମଜଭୁତ ହୋଇଥାଏ । ଏହା ସହିତ ବିଭିନ୍ନ ପେଟ ସମସ୍ୟା, କୋଷ୍ଠ କାଠିନ୍ୟ,ପରିସ୍ରା ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ । ମୂଳା ଖାଇବା ଦ୍ୱାରା ଦାନ୍ତ ଓ ହାଡ଼ ମଜଭୁତ ହୋଇଥାଏ ।

ମୂଳାରେ ଭିଟାମିନ୍ ଏ ଓ ବି ଥିବାରୁ ବ୍ରଣ, ହାଏନେସ ପରି ତ୍ୱଚା ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ନିୟମିତ ଖାଇବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ । ମୂଳାକୁ ଗୋଲମରିଚ ଓ ଲୁଣ ଲଗାଇ ଖାଇବା ଲାଭଦାୟକ ହୋଇଥାଏ । ଏହାଦ୍ୱାରା ରକ୍ତାଭାବ



ଦୂର ହେବା ସହିତ ଏଥିରେ ଥିବା ଫୋଲିକ୍ ଏସିଡ୍ କ୍ୟାନସରରୁ ସୁରକ୍ଷା ଦେଇଥାଏ ।

ମଧୁମେହ କ୍ଷେତ୍ରରେ ଲାଭଦାୟକ: ମୂଳା ଖାଇବା ଦ୍ୱାରା ପରିସ୍ରା ଜ୍ୱଳାପୋଡ଼ା, ପରିସ୍ରା କମ୍ ହେବା ପରି ସମସ୍ୟା ଦୂର ହୋଇଥାଏ । ମୂଳା ପତ୍ର ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏହା ଖାଇବା ଦ୍ୱାରା ଜଣ୍ଡିସ୍, ମଧୁମେହ, ରକ୍ତଚାପ ପରି ରୋଗ ଠିକ୍ ହୋଇଥାଏ । ପାଗ ପରିବର୍ତ୍ତନ ଜନିତ ରୋଗ ଯଥା ଥଣ୍ଡା କାଶ, ଜ୍ୱର ପରି ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମୂଳା ଖାଇବା ଦ୍ୱାରା ଦୂର ହୋଇଥାଏ ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି: ମୂଳାରେ ଥିବା ଜିଙ୍କ, ଫସଫରସ ଓ ଭିଟାମିନ୍ ବି, କମ୍ପ୍ଲେକ୍ସ ତ୍ୱଚାକୁ ପରିଷ୍କାର ରଖିବା ସହ ମୋଟାପା, କ୍ଲାନ୍ତି ଓ ଅନିଦ୍ରା ସମସ୍ୟା କମ୍ କରିଥାଏ । ମୂଳା ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବୃଦ୍ଧି ପାଇଥାଏ ।

ମୂଳା ସହ କ୍ଷୀର ଅନୁଚିତ: ମନେ ରଖିବେ ମୂଳା ସହ କେବେ କ୍ଷୀର ଖାଇବେ ନାହିଁ । ଯଦି ଆପଣ ମୂଳାରୁ ପ୍ରସ୍ତୁତ କୌଣସି ଖାଦ୍ୟ ଖାଇଛନ୍ତି ତେବେ ଏହାପରେ ସଙ୍ଗେ ସଙ୍ଗେ କ୍ଷୀର ପିଅନ୍ତୁ ନାହିଁ । ଏପରି କରିବା ଦ୍ୱାରା କ୍ଷୀର ବିଷାକ୍ତ ହୋଇଯାଏ । ଏହା ସହିତ ତ୍ୱଚା ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ମଧ୍ୟ ବଢ଼ିଯାଏ । ଏଣୁ ମୂଳାରେ ପ୍ରସ୍ତୁତ ଖାଦ୍ୟ ଖାଇବାର ଦୁଇ ଘଣ୍ଟା ପରେ କ୍ଷୀର ପିଅନ୍ତୁ ।

# ହୃଦ୍‌ଘାତ ରୋଗ ଆଶଙ୍କା କମାଏ ଭିଟାମିନ୍ 'ସି'

ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇଲେ ତାହା ହୃଦଘାତ ଆଶଙ୍କା କମାଇ ଦେଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି । ଏ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଡେନମାର୍କର ହୃଦରୋଗ ବିଶେଷଜ୍ଞମାନେ ଗବେଷଣା କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଭିଟାମିନ୍ ସି'ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ହୃଦଜନିତ ରୋଗର ଲକ୍ଷଣ କମ୍ ଦେଖିବାକୁ ମିଳିଥିଲା । ଭିଟାମିନ୍ 'ସି' ହେଉଛି ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ । ଏହା ସୁସ୍ଥ କୋଷକୁ ସୁରକ୍ଷିତ



ରଖିଥାଏ । କେବଳ ସେତିକି ନୁହେଁ, ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ । ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି' ଯୁକ୍ତ ଖାଦ୍ୟ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ଆମ୍ବ, ଅମୃତଭଣ୍ଡା, ସପୁରି, ଷ୍ଟ୍ରବେରି, ତରଭୁଜ, ପୋଇ, କୋବି, ଆଳୁ ଆଦିରେ ଭିଟାମିନ୍ 'ସି'ଭରି ରହିଛି ।

## ବ୍ଲଡ଼ପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ


ସାଧାରଣତଃ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ସମୟରେ ଅଳେଇଚ ବ୍ୟବହାର କରାଯାଇଥାଏ । ଏହା ଚା'କୁ ଆହୁରି ସ୍ୱାଦିଷ୍ଟ କରିଥାଏ । ତେବେ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷ ଭାବରେ ଜଣେ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ । ଏହାକୁ



ପ୍ରତିଦିନ ଖାଇଲେ ବ୍ଲଡପ୍ରେସର ସନ୍ତୁଳିତ ରହିଥାଏ । ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲସ୍ ରେଟ୍ ଠିକ୍ ରହିଥାଏ । କିଡ୍‌ନୀକୁ ସୁରକ୍ଷା ଦେବାରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି । ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମ୍‌ର ଅନ୍ୟତମ ଉତ୍ସ ହେଲା ଅଳେଇଚ ।

# ଔଷଧୀୟ ପଣସ

ପଣସର ମସଲାଦିଆ ତରକାରୀ ନାଁ ଶୁଣିଲେ ପାଟିରୁ ଲାଳ ବାହାରିଆସେ । ଏହାକୁ ତିଆରି କରିବା ଯଦିଓ ସମୟ ବହୁଳ, କିନ୍ତୁ ଖାଇବାର ମଜା ଅଲଗା । ପାଟିରୁ ସ୍ୱାଦିଷ୍ଟ ପଣସର ରହିଛି ଅନେକ ସ୍ୱାସ୍ଥ୍ୟୋପଯୋଗୀ ଗୁଣ । ଏଥିରେ ଥିବା ଭିଟାମିନ୍, ପଟାସିୟମ, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ।



ପଣସ ମଞ୍ଜିରେ ଫାଇବର୍ ପ୍ରଚୁର ମାତ୍ରାରେ ଥାଏ । ଏହାର ସେବନ ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ । ଯେଉଁ ଲୋକଙ୍କର ପେଟ ସମ୍ବନ୍ଧିତ ସମସ୍ୟା ଥାଏ, ସେମାନେ ସାପ୍ତାହକୁ ଅତିକମରେ ଦୁଇଥର ପଣସ ତରକାରୀ ସେବନ କରିବା ଉଚିତ୍ ।

ଚକ୍ଷୁ ସମ୍ବନ୍ଧିତ ସମସ୍ୟାରେ ପୀଡିତ ଥିଲେ ପଣସ ବେଶ୍ ଫାଇଦା ଦେଇଥାଏ । ଏଥିରେ ଥିବା ଭିଟାମିନ୍ 'ଏ' ଆଖିରେ ସୃଷ୍ଟି ମୋତିଆବିନ୍ଦୁ ଏବଂ ଅନ୍ଧାରକଣା ଭଳି ରୋଗ ଭଲ କରିଥାଏ ।

ପଣସ ମଞ୍ଜିରେ ଆଇରନ୍ ଭରପୁର ଥାଏ । ଏହାର ସେବନ ଦ୍ୱାରା ହିମୋଗ୍ଲୋବିନ୍ ସ୍ତର ବୃଦ୍ଧିପାଏ । ଯଦି ଶରୀରରେ ରକ୍ତର ଅଭାବ ଥାଏ, ତେବେ ପଣସ ମଞ୍ଜି ଖାଇବା ଆରମ୍ଭ କରନ୍ତୁ, ଲାଭ ପାଇବେ ।

ଯେଉଁମାନେ ଥାଇରଏଡରେ ପୀଡିତ, ସେମାନଙ୍କ ପାଇଁ ପଣସ କୌଣସି ମହୌଷଧିଠୁ କମ୍ ନୁହେଁ । ଏଥିରେ ଥିବା ପୋଷକ ତତ୍ତ୍ୱ ଥାଇରଏଡ୍ ଗ୍ରନ୍ଥିକୁ ନିୟନ୍ତ୍ରଣ କରିଥାଏ ।

ପଣସ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ଥାଏ । ଏହାଛଡ଼ା ମଞ୍ଜିରେ ଥିବା ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଶରୀରରେ କ୍ୟାନସର କୋଷିକା ବୃଦ୍ଧିକୁ ବାଧା ପହଞ୍ଚାଇଥାଏ । ଏଣୁ କ୍ୟାନସରରୁ ରକ୍ଷା ପାଇବାକୁ ଏବେଠୁ ପଣସ ଖାଇବା ଆରମ୍ଭ କରିଦିଅନ୍ତୁ ।

# ଦେହକୁ ହିତ ପାଳଙ୍ଗ

ଉତ୍ତମ ଉପାଦେୟ ଓ ସ୍ୱାଦିଷ୍ଟ ଖାଦ୍ୟ ଭାବେ ପାଳଙ୍ଗ ଜଣାଶୁଣା । ଏଥିରେ ଭିଟାମିନ୍ ଏ, ମ୍ୟାଗ୍ନେସିଅମ, କାର୍ବୋହାଇଡ୍ରେଟ୍, ସୋଡିୟମ, ପ୍ରୋଟିନ୍, କ୍ୟାଲସିଅମ ପ୍ରଭୃତି ଖଣିଜ ସହ ଶରୀର ପାଇଁ ଆବଶ୍ୟକ ହେଉଥିବା ପ୍ରାୟ ସବୁ ପୋଷକତତ୍ତ୍ୱ ଏଥିରେ ଥାଏ । ସାଧାରଣତଃ ବର୍ଷା ଓ ଶୀତ ଋତୁରେ ଏହା ଉତ୍ପାଦିତ ହୁଏ । ଏହା ମାଟି ଉପରେ ହେଉଥିବାରୁ ରାନ୍ଧିବା ପୂର୍ବରୁ ଏହାକୁ ଭଲଭାବରେ ଧୋଇବା ଉଚିତ । ଏହାର ରସ ମଧ୍ୟ ଦେହ ପାଇଁ ଉପକାରୀ ।



ଗୁଣ ଓ ଫାଇଦା: ମାଂସ ଖାଉ ନ ଥିବା ବ୍ୟକ୍ତି ପାଳଙ୍ଗ ନିୟମିତ ଖାଇବା ଉଚିତ । ଏହା ଶରୀରର ପ୍ରୋଟିନ ଆବଶ୍ୟକତା ପୂରଣ କରେ । ମାଂସରୁ ଯେତିକି ପରିମାଣର ପ୍ରୋଟିନ ମିଳେ ତା'ଠାରୁ ଅଧିକ ପାଳଙ୍ଗ ଯୋଗାଇଥାଏ ।

ଏଥିରେ ଥିବା ମ୍ୟାଗ୍ନେସିଅମ୍ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ହୃଦୟ ସମ୍ପର୍କିତ ରୋଗ, ଏପରିକି ହୃଦଘାତ ଆଶଙ୍କା ଏଡାଇବାରେ ପାଳଙ୍ଗ ସହାୟକ ହୋଇଥାଏ ।

ଏହା ଶରୀରର ଓଜନ କମାଇବାରେ ସାହାଯ୍ୟ କରେ । ଯେଉଁମାନଙ୍କ ଓଜନ ଅଧିକ ସେମାନେ ନିୟମିତ ପାଳଙ୍ଗ ଖାଇବା ଉଚିତ । ଏଥିରେ ପ୍ରଚୁର ପରିମାଣରେ ଆଇରନ ଥାଏ । ନିୟମିତ ପାଳଙ୍ଗ ଖାଇଲେ ରକ୍ତହୀନତା ଦୂର ହୁଏ । ଏଥିରେ ଥିବା ଭିଟାମିନ୍ ଏ ଆଖିକୁ ନିରୋଗ ରଖେ । ପାଳଙ୍ଗରେ ଥିବା ଭିଟାମିନ୍ କେ' ହାଡକୁ ଶକ୍ତ ଓ ମଜଭୁତ କରିବାରେ ସହାୟକ ହୁଏ । ଅଜୀର୍ଣ୍ଣ, ଏସିଡିଟି, ଅଲ୍ସର ଓ ଅଗ୍ନିମାନ୍ଦ୍ୟ ଦୂରକରେ । ନିୟମିତ ପାଳଙ୍ଗ ଖାଇଲେ ଉଚ୍ଚ ରକ୍ତଚାପ ସ୍ୱାଭାବିକ ସ୍ତରକୁ ଆସେ । ଏହା ଗର୍ଭବତୀଙ୍କ ପାଇଁ ବରଦାନ ପରି ।

## ଆପଣ ଜାଣନ୍ତି କି ?

- ସୁରା ଓ ଧୂଆଁପତ୍ର ତୁଳନାରେ ଗଞ୍ଜେଇ ଅପେକ୍ଷାକୃତ କମ୍ କ୍ଷତିକାରକ । ଏକାଧିକ ଗବେଷଣା ଓ ଅଧ୍ୟୟନରୁ ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ ।
- ମାତ୍ର ନଅ ପ୍ରତିଶତ ଗଞ୍ଜେଇ ସେବନକାରୀ, ଏହାର କୁ ପ୍ରଭାବର ଶିକାର ହୁଅନ୍ତି ।
- ଆମେରିକାର ଅନେକ ପ୍ରଦେଶରେ ଗଞ୍ଜେଇ ସେବନ ଓ ବିକ୍ରି ଅପରାଧ ପଦବାଚ୍ୟ । ପ୍ରତି ବର୍ଷ ସେଠାରେ ଏହି ଅପରାଧରେ ପ୍ରାୟ ଆଠ ଲକ୍ଷ ଲୋକ ଗିରଫ ହେଉଥିବା ପ୍ରକାଶ ।
- ଉତ୍ତର କୋରିଆ ଓ ଉରୁଗ୍ୱେରେ ଗଞ୍ଜେଇର ବ୍ୟବହାର ଆଇନ ଅନୁମୋଦିତ ।
- ଗଞ୍ଜେଇରେ ଥିବା ଏକ ଉପାଦାନ କର୍କଟ କୋଷକୁ ବ୍ୟାପିବାକୁ ଦିଏନାହିଁ ।
- ଜର୍ଜ୍ ୱାସିଂଟନ୍ ଗଞ୍ଜେଇ ଚାଷ କରୁଥିଲେ ।
- ଚାଇନାରେ ୪୭୦୦ ବର୍ଷ ତଳେ ଗଞ୍ଜେଇ ଚାଷ କରାଯାଉଥିଲା ।
- ଭୁଟାନରେ ଏକଦା ଘୁଷୁରିଙ୍କୁ କଞ୍ଚା ଗଞ୍ଜେଇ ପତ୍ର ଖାଇବାକୁ ଦିଆଯାଉଥିଲା ।
- ଇଣ୍ଟରନେଟ୍ ମାଧ୍ୟମରେ ସର୍ବ ପ୍ରଥମେ ବିକ୍ରି ହୋଇଥିବା ଜିନିଷ ଥିଲା ଗଞ୍ଜେଇ ।
- ୧୯୭୧ ରେ 'ଏମ୍‌ଆଇଟି'ର ଛାତ୍ରଙ୍କଠାରୁ 'ଷ୍ଟାନ୍‌ଫୋର୍ଡ'ର ଛାତ୍ରମାନେ ତାହା କିଣିଥିଲେ ।

## କହିପାରିବେ କି ?

(୧) ବେକିଂ ସୋଡ଼ାର ରାସାୟନିକ ନାଁ କ'ଣ ?
(୨) ସୋଡିୟମ କାର୍ବୋନେଟ୍ ସାଧାରଣ ଭାବରେ କିପରି ପରିଚିତ ?
(୩) ସୋଡିୟମ କ୍ଲୋରାଇଡ୍ କ'ଣ ?
(୪) ଟେବୁଲ୍ ସୁଗାର କ'ଣ ?
(୫) ପେନସିଲ୍ ଭିତରେ କେଉଁ ଉପାଦାନ ଦିଆଯାଇଥାଏ ?
(୬) ସୋଡ଼ା ପାଣିରେ କେଉଁ ଗ୍ୟାସ୍ ରହିଥାଏ ?
(୭) ଟୁଥପେଷ୍ଟକୁ ଧଳା କରିବା ପାଇଁ କେଉଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ ?
(୮) ମାର୍ଶ ଗ୍ୟାସ କାହାକୁ କୁହାଯାଏ ?
(୯) ଚାଇନିଜ୍ ସଲ୍ଟର ରାସାୟନିକ ନାଁ କ'ଣ ?
(୧୦) କାହାକୁ କାର୍ବନର ପ୍ରକୃତ ଶୁଦ୍ଧ ରୂପ କୁହାଯାଏ ?

## JUMBLE WORDS

| | | | |
|---|---|---|---|
| 1) SAYET | = | 6) NUHBC | = |
| 2) NALKP | = | 7) SSMCOO | = |
| 3) GRAVTI | = | 8) LAZETO | = |
| 4) MTEENC | = | 9) COLFA | = |
| 5) DULEE | = | 10) CRIHP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ପ୍ରଶାନ୍ତ ମହାସାଗର, ୨. ଦକ୍ଷିଣ ଆଫ୍ରିକା, ୩. ସାନ୍ ଫ୍ରାନସିସ୍କୋ, ୪.୫୦, ୫.ଭିକ୍ଟୋରିଆ ଫଲ୍, ୬.ଆଫ୍ରିକା, ୭.ଆଣ୍ଟାର୍କଟିକା, ୮.ମାଦ୍ରିଦ, ୯.ତାଞ୍ଜାନିଆ, ୧୦. କାସପିଆନ ସି ।

***Jumble Words*** **ର ଉତ୍ତର :-**

(1) PLACID (2) DETECT (3) CARGO (4) STUNT (5) WEEKLY (6) DEFECT (7) PIVOT (8) GRIND (9) DEFUSE (10) DILUTE

# ଲଜପତ ରାୟ ଆଇନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ସମ୍ବଲପୁର: ପଶ୍ଚିମ ଓଡ଼ିଶାର କେନ୍ଦ୍ରସ୍ଥଳୀ ସମ୍ବଲପୁରରେ ଥିବା ଲଜପତ ରାୟ ଆଇନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଆଇନ ମହାବିଦ୍ୟାଳୟର ପୁରାତନ ଛାତ୍ରସଂଘ ପକ୍ଷରୁ ଦାବି କରାଯାଇଛି ।

ସଂଘର ସଭାପତି ଆଡ଼ଭୋକେଟ୍ ସତ୍ୟନାରାୟଣ ପଣ୍ଡା ଓ ସଂପାଦକ ଦୁର୍ଗା ପାଢ଼ୀ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ନାମରେ ସାରାଦେଶରେ ଏକମାତ୍ର ଏହି ଆଇନ ମହାବିଦ୍ୟାଳୟକୁ ତୁରନ୍ତ ରାଜ୍ୟ



ସରକାର ବିଶ୍ୱବିଦ୍ୟାଳୟରେ ପରିଣତ କରି ଏକାଡେମିକ ଏବଂ ଆର୍ଥିକ ସ୍ୱୟଂଶାସନ କ୍ଷମତା ଦିଅନ୍ତୁ । ପଶ୍ଚିମଓଡ଼ିଶାର ୧୦ ଜିଲା ମଧ୍ୟରୁ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ସୁବର୍ଣ୍ଣପୁର, ବରଗଡ଼, ଝାରସୁଗୁଡ଼ା ଓ ରାଉରକେଲାରେ ୭ଟି ଆଇନ ମହାବିଦ୍ୟାଳୟ ରହିଛି । ବିକାଶ ମହାବିଦ୍ୟାଳୟରେ ମଧ ଆଇନ ପାଠ୍ୟକ୍ରମ ଚାଲିଛି । ସେଥିରେ ୨୫୦୦ ଛାତ୍ରଛାତ୍ରୀ ଥିବାବେଳେ ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ୬୦୦ ଛାତ୍ରଛାତ୍ରୀ ଅଛନ୍ତି । ତେଣୁ ଏସବୁ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କରାଯାଉ । ସେମାନେ କହିଥିଲେ ଯେ, ୧୯୬୮ ମସିହାରୁ ସମ୍ବଲପୁରର ଲଜପତ ରାୟ ଆଇନ କଲେଜ ସମ୍ବଲପୁର ବିଶ୍ୱବିଦ୍ୟାଳୟର କନ୍‌ଷ୍ଟିଚୁଏଣ୍ଟ କଲେଜ ଭାବେ କାର୍ଯ୍ୟ କରୁଛି । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଉଚ୍ଚ ଓ ଉଚ୍ଚତମ ନ୍ୟାୟାଳୟରେ ବିଚାରପତି ତଥା ଆଇନସେବା କ୍ଷେତ୍ରରେ ବଡ଼ ପଦରେ ଅବସ୍ଥାପିତ ହୋଇଛନ୍ତି । ଏହାର ନିଜସ୍ୱ ୬ ଏକର ଜମି ରହିଥିବା ବେଳେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦ ଏକର ଜମି ଖାଲି ପଡ଼ିଛି । ଏଠାରେ ୧୨୦ ଆସନ ବିଶିଷ୍ଟ ଛାତ୍ରାବାସ ରହିଛି । ପାଠାଗାରରେ ୨୦ ହଜାରରୁ ଅଧିକ ଆଇନ ପୁସ୍ତକ ଉପଲବ୍ଧ ରହିଛି । ତେଣୁ ସମସ୍ତ ଭିତ୍ତିଭୂମି ଥିବାରୁ ତୁରନ୍ତ ଏହାକୁ ଆଇନ ବିଶ୍ୱବିଦ୍ୟାଳୟ ଘୋଷଣା ଦାବି ପାଇଁ ପୁରାତନ ଛାତ୍ର ସଂଘର ଏକ ପ୍ରତିନିଧି ଦଳ କୁଳାଧିପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଛି । ସାମ୍ବାଦିକ ସମ୍ମିଳନୀରେ ସଂଘର ବରିଷ୍ଠ ସଦସ୍ୟ ବିକିତେନ୍ଦ୍ରାୟ ପ୍ରଧାନ, ଚନ୍ଦ୍ରକାନ୍ତ ମହାନ୍ତି, ବନ୍ଦିତାରାଣୀ ମିଶ୍ର, ସିପ୍ରା ମହାନ୍ତି, ରଞ୍ଜିତ ସିଂହୁରା, ପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ

ସମ୍ବଲପୁର : ସମ୍ବଲପୁର ମହାନଗର ସ୍ଥାନୀୟ ହାଉସିଂ ବୋର୍ଡ଼ କଲୋନୀ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଠାରେ ଦେଶର ୭୮ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧକ୍ଷା ଶ୍ରୀମତୀ ରୋଜି ସେନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେ ପରେ ସାମୁହିକ ଜାତୀୟ ସଂଗୀତ ଗାନ କରାଯାଇଥିଲା ।

ଶିକ୍ଷାକେନ୍ଦ୍ରର ଛାତ୍ରୀ ସୁଶ୍ରୀ ମିହିକା ସାହୁ ସ୍ୱାଧୀନତା ଦିବସ ଉପରେ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାତଃ କାଳରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାନେ ଧାଡ଼ି ବାନ୍ଧି, ସମସ୍ତେ ହାତରେ ଜାତୀୟ ପତାକା ଧରି ପ୍ରଭାତଫେରିରେ ସାହିର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ । ଭାରତମାତା ଏବଂ ମୁକ୍ତି ସଂଗ୍ରାମୀ ବରପୁତ୍ର ମାନଙ୍କ ଜୟ ଧ୍ୱନିରେ ଗଗନ ପବନ ମୁଖରିତ ହୋଇ ଉଠିଥିଲା ।

ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ଶ୍ରୀମତୀ ଦୀପିକା ଥେଟୁଆଲ, ପୂର୍ଣ୍ଣିମା ହୋତା, ଶୀଳା ମୋଦକ ଏବଂ ଗୀତା ପୋଢ଼ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ହିମାଳୟା ମହଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁର ଲାଇବ୍ରେରିରେ ଗ୍ରୁମିଂ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର : ସ୍କୁଲ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ପାଇଁ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିରେ ଗ୍ରୁମିଂ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଏହି ଗ୍ରୁମିଂ କେନ୍ଦ୍ର ପ୍ରତ୍ୟେକ ସ୍କୁଲ ସ୍ତରକୁ ପହଞ୍ଚାଇବା ପାଇଁ ପ୍ରଫେସର ଜୟସ୍ୱାଲ ଆହ୍ୱାନ କରିଥିଲେ । ଆଇଆଇଏମର ଛାତ୍ରଛାତ୍ରୀ ଏହାକୁ ପରିଚାଳନା କରିବେ ବୋଲି ସୂଚନା ଦେଇଥିଲେ । ଲାଇବ୍ରେରିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଗ୍ରୁମିଂ କେନ୍ଦ୍ରର ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ବିଷୟରେ ସୂଚନା ଦେଇଥିଲେ । ସମ୍ପାଦକ ରଘୁନାଥ ମିଶ୍ର ଲାଇବ୍ରେରିର କାର୍ଯ୍ୟକାରିତା ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ଲାଇବ୍ରେରିର ସାଧନ କର୍ମୀ, ସଦସ୍ୟ, ଆଇଆଇଏମର ଛାତ୍ରଛାତ୍ରୀ ଓ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅରବିନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ସୁଭଦ୍ରା ଯୋଜନା ନିମନ୍ତେ ଜିଲ୍ଲାସ୍ତରୀୟ ପରାମର୍ଶ ପ୍ରସ୍ତୁତି ବୈଠକ

ସମ୍ବଲପୁର: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧାପକ ଗ୍ୟାଲେରୀ -୧




ରେ ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସୁଭଦ୍ରା ଯୋଜନା ଉପରେ ଏକ ଜିଲ୍ଲା ସ୍ତରୀୟ ପରାମର୍ଶ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୋମିନି ସସ୍ମିତା ରାନୀ ଦେହୁରୀ, ବିଧାୟକ ଜୟନାରାୟଣ ମିଶ୍ର ଙ୍କ ନୋମିନି ସମୀର ରଞ୍ଜନ ବାବୁ, ଏସ.ଏମ.ସି କମିଶନର ଶ୍ରୀ ବେଦଭୂଷଣ, ସିଡିଏ-କମ-ଇଓ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ଅଧକ୍ଷ କୁମୁଦିନୀ ନାୟକ, ଉପ- ଜିଲ୍ଲାପାଳ ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା ମଞ୍ଚାସିନ ଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟା ରାଣୀ ନେପାକ ମଧ ଉପସ୍ଥିତ ଥିଲେ ।

ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀ, ସମାଜସେବୀ ମାନେ ସୁଭଦ୍ରା ଯୋଜନା କିପରି ସୂଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିବ ଏବଂ ସୁଭଦ୍ରା ଯୋଜନା ରେ ଅନ୍ତର୍ଭୁକ୍ତ ହବା ପାଇଁ ମାନଦଣ୍ଡ କଣ ହୋଇ ପାରିବ, ବହିଷ୍କାରର ମାନଦଣ୍ଡ, ଚୟନ ପାଇଁ ଆବଶ୍ୟକ ଦସ୍ତାବିଜ କଣ ରହିବ, ଦେୟ ଧାରା, ଦେୟର ଉଦ୍ଦେଶ୍ୟ, ହିତାଧିକାରୀଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ନିୟମିତ ସହାୟକ ମନିଟରିଂ କିପରି ହେବ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ ।

ଜିଲ୍ଲାପାଳ ସମ୍ବଲପୁର ଏହି ଯୋଜନାର ଲାଭ ଉଠାଇବା ପାଇଁ ଆୟର ମାନଦଣ୍ଡ ରହିବା ଦରକାର ବୋଲି ମତ ବ୍ୟକ୍ତ କରିବା ସହ ଏହି ରାଶିକୁ ଅନ୍ୟ କୌଣସି ବ୍ୟବସାୟ ସହ ସଂଯୋଗ କରାଗଲେ ଏବଂ ସର୍ବନିମ୍ନ କାଗଜପତ୍ର ବାବଦରେ ଏହି ରାଶି କିପରି ବିସ୍ତାର ହେବ ସେ ବିଷୟରେ ଚିନ୍ତା କରିବାକୁ କହିଥିଲେ ।

# ସମ୍ବଲପୁରରେ ପରିବେଶ ଅନୁକୂଳ ରାକ୍ଷୀଷ୍ଟଲ ଉଦ୍‌ଘାଟନ



ସମ୍ବଲପୁର: ଓରମାସ ପଞ୍ଚାୟତି ରାଜ ବିଭାଗ ଦ୍ୱାରା ସମ୍ବଲପୁର ସହର ସ୍ଥିତ ଗୋଲବଜାର ଛକ ଠାରେ ରାକ୍ଷୀ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । ଏହି ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ସମ୍ବଲପୁରୀ ହେଣ୍ଡଲୁମରେ ପ୍ରସ୍ତୁତ, ବାଉଁଶ ଶିଳ୍ପ ରେ ପ୍ରସ୍ତୁତ ତଥା ସବାଇ ଘାସରେ ପ୍ରସ୍ତୁତ ରାକ୍ଷୀ ବିକ୍ରୟ କରାଯାଇଛି । ଏହି ରାକ୍ଷୀ ଷ୍ଟଲର ଉଦଘାଟନୀ ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଶ୍ରୀ ହିମାଂଶୁ ଶେଖର ସାହୁ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶ୍ରୀମନ୍ତ ହୋତା, ତଥା ଜିଲ୍ଲା ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ରାକ୍ଷୀ ଷ୍ଟଲଟି ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଆଲୋକ ଅନୁଷ୍ଠାନ ପକ୍ଷରୁ ଶିଶୁ ପାଠାଗାର ଉଦ୍‌ଘାଟିତ

ସମ୍ବଲପୁର: ବୁର୍ଲାର ଆଲୋକ ଅନୁଷ୍ଠାନ ପକ୍ଷରୁ 'ଆଲୋକ ଶିଶୁ ପାଠାଗାର' ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ପ୍ରଫେସର ବୁଲୁ ମହାରଣା, ପ୍ରଫେସର ଭୁବନେଶ୍ୱର ବେହେରା କେନ୍ଦ୍ରୀୟ ପାଠାଗାରର ଗ୍ରନ୍ଥାଗାରିକ, ସହଗ୍ରନ୍ଥାଗାରିକ, ସମ୍ବଲପୁରୀ ଲେଖକ ଲକ୍ଷ୍ମୀ ନାରାୟଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମ୍ବଲପୁର ଭିଲେଜ କ୍ରାଫ୍ଟର ପ୍ରତିଷ୍ଠାତା ଚିନ୍ମୟ ଶତପଥୀ ୧୨୦ ଖଣ୍ଡ ପୁସ୍ତକ ପ୍ରଦାନ କରିଥିଲେ । ଆଲୋକ ଅନୁଷ୍ଠାନର ବିଭିନ୍ନ ପ୍ରକଳ୍ପର ଉପଦେଷ୍ଟା ପ୍ରଫେସର ରାମ ନରେଶ ମହାଲିଙ୍ଗ, ଡକ୍ଟର ଦୀପାଳି ନାଏକ, ନିରୁପମା ନାୟକ, ଡକ୍ଟର ସ୍ୱପ୍ନ ପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ଦିନ ସକାଳ ୬ ରୁ ସାଢ଼େ ୮ ଏବଂ ସନ୍ଧ୍ୟା ସାଢ଼େ ୪ ରୁ ସାଢ଼େ ୭ ପର୍ଯ୍ୟନ୍ତ ପାଠାଗାର ଖୋଲା ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏଥିରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସହଯୋଗରେ ୧୫୦୦ ରୁ ଅଧିକ ପୁସ୍ତକ ରହିଛି ଯେଉଁଥିରେ କି ଗପ, ରଚନା, ସାଧାରଣ ବିଜ୍ଞାନ, ଜୀବନୀ ଇତ୍ୟାଦି ରଖାଯାଇଛି । ଆଗାମୀ ଦିନରେ ଆହୁରି ଅନେକ ପୁସ୍ତକ ରଖାଯିବାର ଯୋଜନା ଅଛି ବୋଲି ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ କହିଛନ୍ତି ।




## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଏମ୍.ସି.ଏଲ୍‌ରେ ସ୍ୱାଧୀନତା ଦିବସ ପାଳିତ



ବୁର୍ଲା : ଏମ୍.ସି.ଏଲ୍‌ରେ ୭୮ତମ ସ୍ୱାଧୀନତା ଦିବସ ଆନନ୍ଦ ବିହାର ସ୍ଥିତ ପଡିଆରେ ପାଳିତ ହୋଇଯାଇଛି । ଏମସିଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସୁରକ୍ଷାକର୍ମୀ, ଏନ୍.ସି.ସି, ସ୍କାଉଟ୍ ଏଣ୍ଡ ଗାଇଡ୍‌ର ୧୭ଟି କଣ୍ଟିଜେଣ୍ଟର ଅଭିବାଦନ ଗ୍ରହଣ କରିଥିଲେ । ଶ୍ରୀ କାଓଲେ ତାଙ୍କ ଭାଷଣରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦେଶର ଶକ୍ତି, ନିରାପତ୍ତା ସୁନିଶ୍ଚିତ କରିବାରେ ସହାୟକ ହୋଇଥିବା କୋଇଲା ଖଣି କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ଏବଂ ଏମ.ସି.ଏଲ୍‌କୁ ଦେଶର ଅଗ୍ରଣୀ କୋଇଲା ଉତ୍ପାଦକ କରିବାରେ ସେମାନଙ୍କର ମୂଲ୍ୟବାନ ଅବଦାନର ପ୍ରଶଂସା କରିଥିଲେ । ଏହି ଅବସରରେ ଶ୍ରୀ କାଓଲେ ଏମସିଏଲ୍ ପକ୍ଷରୁ ନିମ୍ବଚାରା ଲଗାଇବାର ଅଭିଯାନର ଶୁଭାରମ୍ଭ କରି ନିଜେ ଏକ ନିମ୍ବଚାରା ରୋପଣ କରିଥିଲେ ।











Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra